୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସ୍ୱଚ୍ଛ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.27. No.102 Bhubaneswar Friday May 30 2025 | ୨୭ତମ ବର୍ଷ ସଂଖ୍ୟା-୧୦୨ ଭୁବନେଶ୍ୱର, ଗୁରୁବାର, ମଇ ୨୯, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

# ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଯାଜପୁର ସାଂସଦଙ୍କ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ସହ ସାକ୍ଷାତ୍ ଆଲୋଚନା





ନୂଆଦିଲ୍ଲୀ, ୨୯।୫(ପି.ଏନ): ବୌଦ୍ଧ ପର୍ଯ୍ୟଟନ ମାନଚିତ୍ରରେ 'ହୀରକ ତ୍ରିଭୁଜ '(ରତ୍ନଗିରି -ଉଦୟଗିରି-ଲଳିତଗିରି )ବୌଦ୍ଧକ୍ଷେତ୍ର, ବୌଦ୍ଧବିହାର ଭାବରେ ବିଶେଷ ପରିଚିତ ଭୂଖଣ୍ଡ ମଧ୍ୟରେ ଦିନେଥିଲା ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଯାହା ଇତିହାସ କହେ ଓ ଇତିହାସକାର କହନ୍ତି ଏବଂ ଯାହା ପାଟନାର ନାଳନ୍ଦା ବିଶ୍ୱବିଦ୍ୟାଳୟ ସମକକ୍ଷ ଥିଲା। ଆଜି ଦିଲ୍ଲୀରେ ଯାଜପୁର ସାଂସଦ ମାନ୍ୟବର ଶ୍ରୀଯୁକ୍ତ ରବୀନ୍ଦ୍ର ନାରାୟଣ ବେହେରା କେନ୍ଦ୍ରମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଓ ଉଚ୍ଚ ଶିକ୍ଷା ସଚିବ ଶ୍ରୀଯୁକ୍ତ ଭିନିଥ ଯୋଶୀଙ୍କୁ ସାକ୍ଷାତ କରି ଏ ବିଷୟରେ ଅବଗତ କରାଇ ଅନ୍ୟ ଏକ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆଲୋଚନା କରିଛନ୍ତି. ଆଲୋଚନାରେ ଯେ ଯାହାର ସମର୍ଥନ ଜଣାଇଛନ୍ତି ବୋଲି ସାଂସଦ ମଧ୍ୟ କହିଛନ୍ତି। ସାଂସଦ ମଧ୍ୟ ଆହୁରି କହିଛନ୍ତି ଯଦି ଏହି ପ୍ରସ୍ତାବିତ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସ୍ଥାପନ ହୁଏ ତେବେ ଦେଶ ବିଦେଶରୁ ବହୁ ଜ୍ଞାନପିପାସୁ, ଜ୍ଞାନଭିକ୍ଷୁ ବିଦ୍ୟା ଲାଭ କରିବେ ଓ ଏ ଅଂଚଳର ସାଧାରଣ ଲୋକ, ବୁଦ୍ଧିଜୀବୀଙ୍କ ଦୀର୍ଘ ଦିନର ଦାବୀ ପୂରଣ ହେବ।

## ଭିଜିଲାନ୍ସ ଜାଲରେ ଅଧିକ୍ଷଣ ଯନ୍ତ୍ରୀ



ରାୟଗଡ଼ା, ୨୯।୫ : ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସହଦେବ କିଷାନ ଭିଜିଲାନ୍ସରେ ଧରା ପଡ଼ିଥିଲେ। ଯନ୍ତ୍ରୀ କିଷାନ ରାତି ପ୍ରାୟ ୭.୩୦ରେ ଜଣେ ଠିକାଦାରଙ୍କଠାରୁ ୧ଲକ୍ଷ ୫୦ ହଜାର ଟଙ୍କା ଲାଞ୍ଚ ନେଇ ଗାଡ଼ିରେ ଯିବା ବେଳେ ମାଡ଼ି ବସିଥିଲା ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍। ଗୁରୁବାର ସକାଳେ ଯନ୍ତ୍ରୀଙ୍କ ନିଜ ଘର ସମ୍ବଲପୁରରେ ଚଢ଼ାଉ କରାଯାଇ ବ୍ୟାଙ୍କ ଓ ମ୍ୟୁଚିଆଲ ଫଣ୍ଡରେ ଜମାଥିବା ୫୦ ଲକ୍ଷ ଟଙ୍କାର ନଥିପତ୍ର,୧୦୦ ଗ୍ରାମ ସୁନା ଅଳଙ୍କାର ଜବତ କରାଯିବା ସହ ତାଙ୍କ ନାମରେ ସମ୍ବଲପୁର ଅଞ୍ଚଳରେ ୨ଟି ପ୍ଲଟ୍ ରହିଥିବା ଜଣାପଡ଼ିଛି।ପ୍ରକାଶ ଯେ, ଅଧୀକ୍ଷଣ ଯନ୍ତ୍ରୀ କିଷାନ ଲାଞ୍ଚ ନେଉଥିବା ଭିଜିଲାନ୍ସରେ ଅଭିଯୋଗ ହେବା ପରେ କୋରାପୁଟ ଭିଜିଲାନ୍ସ ଏସ୍ପି ରବୀନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍ପି ସଦାନନ୍ଦ ପାଣି, ଅଭୟ ପ୍ରଧାନ ଏବଂ ଇନ୍ସପେକ୍ଟର ସଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ରାୟଗଡ଼ାରେ ବୁଧବାର ତାଙ୍କୁ ଜଗିଥିଲେ। ଟଙ୍କା ନେଇ ବିଭାଗର ଏକ ସ୍କର୍ପିଓ ଗାଡ଼ି (ଓଡି ୧୮ଏନ୍ ୭୯୫୭)ରେ ଯିବା ସମୟରେ ଅଧୀକ୍ଷଣ ଯନ୍ତ୍ରୀ କିଷାନଙ୍କୁ ଭିଜିଲାନ୍ସ ଟିମ୍ ଧରିଥିଲା। ତାଙ୍କଠାରୁ ୧ ଲକ୍ଷ ୫୦ ହଜାର ଟଙ୍କା ଜବତ କରିଥିଲା। ଏହାପରେ ସେଠାରୁ ଶିରିଗୁଡ଼ାସ୍ଥିତ ତାଙ୍କ କାର୍ଯ୍ୟାଳୟକୁ ଯାଇ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ବିଭିନ୍ନ ନଥିପତ୍ର ଜବତ କରିଛି। ଏହା ବ୍ୟତୀତ ବ୍ରାହ୍ମଣସାହି ନିକଟ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ସମେତ ତାଙ୍କ ସରକାରୀ ବାସଭବନ ଓ ଅନ୍ୟ କେତେକ ସ୍ଥାନରେ ଚଢ଼ାଉ କରିଥିବା ଜଣାପଡ଼ିଛି। ଜବତ ଟଙ୍କା ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଯନ୍ତ୍ରୀ କିଷାନଙ୍କୁ ଭିଜିଲାନ୍ସ ଟିମ୍ ଅଟକ ରଖି ପଚରାଉଚରା ଜାରି ରଖିଥିବା ଜଣାପଡ଼ିଛି ।ସୂଚନାଯୋଗ୍ୟ, ୨୦୧୬ ମାର୍ଚ୍ଚ ୨୯ରେ ସହକାରୀ ଯନ୍ତ୍ରୀ ଭାବେ ଚାକିରି ପାଇ ସମ୍ବଲପୁର ଡିଭିଜନ ଏବଂ ପରବର୍ତ୍ତୀ ସମୟରେ ଭବାନୀପାଟଣା ଓ ରାୟଗଡାରେ କାର୍ଯ୍ୟରତ ଥିଲେ। ୨୦୨୨ରେ ନିର୍ବାହୀ ଯନ୍ତ୍ରୀ ଏବଂ ୧ ମାର୍ଚ୍ଚ ୨୦୨୫ରେ ଅଧୀକ୍ଷଣ ଯନ୍ତ୍ରୀ ଭାବେ ରାୟଗଡ଼ାରେ କାର୍ଯ୍ୟରତ ଥିଲେ।

## ନିଲମ୍ବିତ ହେଲେ ନବରଙ୍ଗପୁର ଜିଲ୍ଲା ରାଇଘର ଲ୍ୟାମ୍ପ ଏମଡି



ଭୁବନେଶ୍ୱର, ୨୯।୫(ପି.ଏନ): ନିଲମ୍ବିତ ହେଲେ ନବରଙ୍ଗପୁର ଜିଲ୍ଲା ରାଇଘର ଲ୍ୟାମ୍ପ ଏମଡି । ଚଳିତ ବର୍ଷ ଖରିପ ଋତୁରେ ଧାନ ମଣ୍ଡିରେ ଧାନ କିଣାରେ ଅନିୟମିତତା ଅଭିଯୋଗ ପରେ ନିଲମ୍ବିତ ହୋଇଛନ୍ତି ଲ୍ୟାମ୍ପ ଏମଡି ନିରାକାର ରାଉତ । ନବରଙ୍ଗପୁର ସମବାୟ ସମିତି ସମୂହ ସହକାରୀ ନିବନ୍ଧକଙ୍କ ନିର୍ଦ୍ଦେଶକ୍ରମେ ରାଇଘର ଲ୍ୟାମ୍ପ ପରିଚାଳନା ପରିଷଦ ନିର୍ଦ୍ଦେଶକ ନିରାକାର ରାଉତଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି । ଲ୍ୟାମ୍ପ ପକ୍ଷରୁ ଛଟ କଟାଯାଇ ନଥିବାରୁ ବର୍ତ୍ତମାନ ସୁଦ୍ଧା ୩୪୪ ଜଣ ଚାଷୀଙ୍କ ୧୪ ହଜାର ୨ଶହ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଥିଲେ ସୁଦ୍ଧା ୪ କୋଟି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚାଷୀଙ୍କୁ ଦିଆଯାଇ ନାହିଁ । ନନ୍ଦିଘୋଷ ଟିଭିରେ ଏନେଇ ଖବର ପ୍ରଶାରଣ ପରେ ତଦନ୍ତ କରି ଲ୍ୟାମ୍ପ ଏମଡିଙ୍କୁ ନିଲମ୍ବନ କରିଛନ୍ତି ସହକାରୀ ନିବନ୍ଧକ ।

## ସିବିଆଇ ଜାଲରେ ଇଡି ଅଧିକାରୀ

ଭୁବନେଶ୍ୱର, ୨୯।୫(ପି.ଏନ): ସିବିଆଇ ଜାଲରେ ଇଡି ଅଧିକାରୀ । ଲାଞ୍ଚ ନେବା ବେଳେ ଇଡିର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀଙ୍କୁ ମାଡି ବସିଲା ସିବିଆଇ। ସୂଚନା ମୁତାବକ, ଢେଙ୍କାନାଳର ଜଣେ ଖଣି ବ୍ୟବସାୟୀଙ୍କ ଅନିୟମିତତା ନେଇ ଗତ ଜାନୁଆରୀ ୮ ଓ ୯ ତାରିଖରେ ଖଣି ଅଞ୍ଚଳ ସମେତ ଏକାଧିକ ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚଢ଼ାଉ ହୋଇଥିଲା। ରେଡ ବେଳେ ଖଣିଜ କାରବାରରେ ଅନିୟମିତତା ଥିବା ନେଇ ପ୍ରମାଣ ମିଳିଥିଲା। ଏହାକୁ ରଫାଦଫା କରିବା ପାଇଁ ଖଣି ଲିଜଧାରୀଙ୍କୁ ଇଡି ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀ ମୋଟା ଅଙ୍କର ଟଙ୍କା ମାଗିଥିଲେ। ସେଥିରୁ କିଛି କମାଇ ମାମଲା ରଫାଦଫା କରିବାକୁ ଡିଲ ଫାଇନାଲ ହୋଇଥିଲା। ଆଜି ଖଣି ଲିଜଧାରୀ ମଧ୍ୟସ୍ଥିଙ୍କ ଜରିଆରେ ଅଗ୍ରୀମ ଆକାରରେ ୨୦ ଲକ୍ଷ ଟଙ୍କା ନଗଦ ଦେଉଥିବା ବେଳେ, କୌଣସି ସୂତ୍ରରୁ ଖବର ପାଇ ସିବିଆଇ ତାଙ୍କୁ କାବୁ କରିଛି। ଏବେ ସିବିଆଇ କାର୍ଯ୍ୟାଳୟରେ ଖଣି ମାଲିକ, ଇଡିର ଡେପୁଟି ଡାଇରେକ୍ଟର ଓ ମଧ୍ୟସ୍ଥିଙ୍କୁ ପଚରାଉଚରା କରାଯାଉଛି।

## ବଜ୍ରପାତରେ ୨ ମହିଳା ମୃତ

ଭୁବନେଶ୍ୱର, ୨୯।୫(ପି.ଏନ): ବଜ୍ରପାତରେ ୨ ମହିଳା ମୃତ । ବରଗଡ ଜିଲ୍ଲା ଅତାବିରା ଥାନା ଅଞ୍ଚଳରେ ବଜ୍ରପାତରେ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଛି କ୍ଷ ଗତ ପାଞ୍ଚ ଦିନ ହେଲା ଅତାବିରା ଅଞ୍ଚଳରେ ଅଦିନିଆ ବର୍ଷା ସାଙ୍ଗକୁ ଘଡଘଡି ଓ ବଜ୍ରପାତ ଲାଗି ରହିଛି କ୍ଷ ଖଇରପାଲି ନିକଟସ୍ଥ ନଳିଆଁ ଝୁପୁଡି ଗାଁର ୪୮ ବର୍ଷୀୟା ଶାନ୍ତି ଛତ୍ରିଆ ଦୈନନ୍ଦିନ କାଠ ସଂଗ୍ରହ କରି ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ ।

## ଚର୍ଚ୍ଚାରେ ମୋହନ ସରକାରଙ୍କ ନିଷ୍ପତ୍ତି: ପାଣ୍ଡିଆନମାର୍କା ଅଫିସରଙ୍କୁ କ୍ଲିନଚିଟ୍ ନା ତଡିପାର



ଭୁବନେଶ୍ୱର, ୨୯।୫(ପି.ଏନ): ରାଜ୍ୟରେ ଅପ୍ରତ୍ୟାଶିତ ଢଙ୍ଗରେ ନିଜସ୍ୱ ସଂଖ୍ୟାବଳରେ ପ୍ରଥମଥର ପାଇଁ ସରକାର ଗ?ିଥିବା ବିଜେପି ନିଜର ବର୍ଷପୂର୍ତ୍ତି ପାଳନ କରିବାକୁ ଯାଉଛି । ତେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାରଙ୍କ ଏହି ବର୍ଷକ କାର୍ଯ୍ୟକାଳ ମଧ୍ୟରେ ସବୁଠୁ ବେଶୀ ଚର୍ଚ୍ଚାରେ ଅଛନ୍ତି ପାଣ୍ଡିଆନମାର୍କା ଅଫିସର । ବିଜେଡି ଶାସନକାଳରେ ରାଜ୍ୟ ଶାସନର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନଙ୍କ କୋରଟିମ୍ ସଦସ୍ୟ ଭାବେ ଯେଉଁ ଅଫିସରମାନେ ଉଭୟ ସରକାରୀ ଓ ଦଳୀୟ ସାଂଗଠନିକ କାର୍ଯ୍ୟ ତୁଲାଉଥିଲେ ବୋଲି ଅଭିଯୋଗ ହୁଏ, ସେହି ଅଫିସରମାନେ ଜଣକପରେ ଜଣେ କେନ୍ଦ୍ରୀୟ ଡେପୁଟେସନରେ ପଳାଇବାରେ ଲାଗିଛନ୍ତି । ସେମାନେ ବିଜେଡି ଶାସନବେଳେ ସବୁକିଛି ନିୟନ୍ତ୍ରଣ କରୁଥିଲେ ବୋଲି ଅଭିଯୋଗ ଥାଇମଧ୍ୟ କାହିଁକି ସେମାନଙ୍କୁ କେନ୍ଦ୍ରୀୟ ଡେପୁଟେସନରେ ଯିବାର ଅନୁମତି ଦିଆଯାଉଛି ଓ ଏହାପଛରେ କ'ଣ କାରଣ ରହିଛି ତାକୁ ନେଇ ନାନାଦି ଚର୍ଚ୍ଚା ଲାଗି ରହିଛି । ପାଣ୍ଡିଆନମାର୍କା ଅଫିସର ଡିଏସ କୁଟ୍ଟେ, ଆଶୀଷ ସିଂ, ରବିକାନ୍ତ, ମିତ୍ରଭାନୁ ମହାପାତ୍ରଙ୍କ ପରେ ବୁଧବାର ଆଉ ଭିନିଲ୍ କ୍ରିଷ୍ଣାଙ୍କୁ କେନ୍ଦ୍ରରେ ନିଯୁକ୍ତି ମିଳିଥିବାବେଳେ ଆଉ ଦୁଇଜଣ ପାଣ୍ଡିଆନମାର୍କା ଅଫିସର ମଧ୍ୟ ଡେପୁଟେସନରେ ଯିବାପାଇଁ ଆବେଦନ କରିଥିବା ଜଣାପଡିଛି ।

ରାଜ୍ୟ କ୍ରୀଡା ବିଭାଗରୁ ବିଦା,କେନ୍ଦ୍ରରେ କ୍ରୀଡା ବିଭାଗରେ ନିଯୁକ୍ତି

୨୦୦୫ ବ୍ୟାଚ୍ ଆଇଏଏସ୍ ଆଉ ଭିନିଲକ୍ରିଷ୍ଣାଙ୍କୁ କେନ୍ଦ୍ର ସରକାରଙ୍କ କ୍ରୀଡା ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି । ସେ ଉକ୍ତ ପଦବୀରେ ୫ବର୍ଷ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ରାଜ୍ୟରେ ୨୦୨୪ ଜୁନ୍ ମାସରେ ବିଜେପି ସରକାର କ୍ଷମତାକୁ ଆସିବାପରେ ଭିନିଲଙ୍କୁ ୨୦୨୪ ଜୁଲାଇ ୧୦ତାରିଖରେ କ୍ରୀଡା ବିଭାଗର ସଚିବ ପଦରୁ ହଟାଇ ଜମିଜମା ରେକର୍ଡ ଓ ବନ୍ଦୋବସ୍ତ କମିଶନର ଭଳି କମ୍ ଗୁରୁତ୍ୱ ବହନ କରୁଥିବା ପଦବୀରେ ଅବସ୍ଥାପିତ କରାଯାଇଥିଲା । ବିଜେଡି ଶାସନକାଳରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଓ ପାଣ୍ଡିଆନଙ୍କ ଖାସ୍ ଅନୁଗତ ଭାବେ ସେ ତୃତୀୟ ମହଲାର ତୃତୀୟ ପାୱାରଫୁଲ୍ ଅଫିସର ଥିଲେ । ୨୦୧୭ ଏପ୍ରିଲରୁ ୨୦୨୧ ଅଗଷ୍ଟ ପର୍ଯ୍ୟନ୍ତ ରାଜ୍ୟ କ୍ରୀଡା ନିର୍ଦ୍ଦେଶକ ଓ ତା'ପରେ ସେହି ବିଭାଗର ସଚିବ ଭାବେ ବିଜେପି ସରକାର କ୍ଷମତାକୁ ଆସିବା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ । ସେ ପାଣ୍ଡିଆନମାର୍କା ଅଫିସର ଭାବେ ଏକାଧିକ ବିଭାଗର ସୁପର ମିନିଷ୍ଟର ଭଳି ଦାୟିତ୍ୱ ତୁଲାଉଥିଲେ ବୋଲି ସେତେବେଳେ ଚର୍ଚ୍ଚା ହେଉଥିଲା ।

ରାଜନୀତିକ ଆବଶ୍ୟକତା ନା ବାଧ୍ୟବାଧକତା

ଏହି ପାଣ୍ଡିଆନମାର୍କା ଅଫିସରମାନଙ୍କୁ କେନ୍ଦ୍ରୀୟ ଡେପୁଟେସନରୁ ପଠାଯିବା ପଛରେ ରାଜ୍ୟରେ ବିଜେପି ସରକାରର ଆବଶ୍ୟକତା ନା ବାଧ୍ୟବାଧକତା ବୋଲି ପ୍ରଶ୍ନ ଉଠିବାରେ ଲାଗିଛି । ଏହି ପାଣ୍ଡିଆନମାର୍କା ଅଫିସରମାନଙ୍କ ବିରୁଦ୍ଧରେ ସିଧାସଳଖ କୌଣସି ଦୁର୍ନୀତିର ଅଭିଯୋଗ ଆଣିବାରେ ବର୍ତ୍ତମାନର ବିଜେପି ସରକାର ବିଗତ ବର୍ଷକ ମଧ୍ୟରେ ସକ୍ଷମ ହୋଇପାରିନାହାନ୍ତି । ରାଜନୀତିକ ବିଶ୍ଲେଷକଙ୍କ ମତରେ, ବିଜେପି ସରକାର ରାଜ୍ୟରେ ପ୍ରଶାସନିକ ସଂସ୍କାର ଆଣିବାକୁ ଚାହୁଁଛନ୍ତି । ତେଣୁ ବିଜେପି ସରକାର ଜାଣିଶୁଣି ବିଜେଡି ଶାସନ କାଳରେ ପ୍ରଭାବଶାଳୀ ଥିବା ଅଫିସରମାନଙ୍କୁ କେନ୍ଦ୍ରୀୟ ଡେପୁଟେସନରେ ପଠାଇ ରାଜ୍ୟ ପ୍ରଶାସନରେ ନିଜର ନିୟନ୍ତ୍ରଣ ବ?ାଇବାକୁ ଚେଷ୍ଟା କରୁଛନ୍ତି । ଏହା ଏକ ରାଜନୈତିକ ରଣନୀତି ହୋଇପାରେ, ଯାହା ଦ୍ୱାରା ବିଜେଡିର ପ୍ରଭାବକୁ କମାଇ ବିଜେପିର ନୀତି ଓ ଏଜେଣ୍ଡାକୁ ସହଜରେ କାର୍ଯ୍ୟକାରୀ କରାଯାଇପାରିବ । ଯଦିଓ ବିଜେପି ନେତାମାନେ ଏହାକୁ ପ୍ରଶାସନିକ ଆବଶ୍ୟକତା ଓ ଅଫିସରମାନଙ୍କ ବ୍ୟକ୍ତିଗତ ପସନ୍ଦ ବୋଲି ଦାବି କରୁଛନ୍ତି । ଢୋଲ ଭିତରେ ମୂଷାଙ୍କୁ ରଖି ସମ୍ପୂର୍ଣ୍ଣ ଢୋଲକୁ ନଷ୍ଟ କରିବାକୁ ବିଜେପି ଚାହୁଁନଥିବାରୁ ମୂଷାଙ୍କୁ 'ତଡିପାର' କରାଯାଉଛି ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି । ପାଣ୍ଡିଆନମାର୍କା ଅଫିସରଙ୍କୁ ନେଇ ବିଜେଡି-ବିଜେପି ମୁହାଁମୁହିଁ

ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ 'ଓଟିଭି'କୁ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି ଯେ " ଯେଉଁ ୨-୩ଜଣ ଅଫିସରଙ୍କ କଥା କୁହାଯାଉଛି ସେମାନେ ଆମର ଏହି ବିକାଶର ପରିଧିରୁ ବାହାରକୁ ଯିବାର ଆବଶ୍ୟକତା ରହିଥିଲା । ନଚେତ୍ ସେମାନେ ଏଠାରେ ରହି ପାଣିକୁ ଗୋଳିଆ କରିଥାନ୍ତେ। ସେମାନେ ରାଜ୍ୟର ସ୍ୱାର୍ଥକୁ ହାନି ଓ କ୍ଷମତାର ଅପବ୍ୟହାର କରିଥିବାର ଯଦି କୌଣସି ଲିଙ୍କ୍ କେବେ ଆସିବ ସେମାନେ ଯେଉଁଠି ଥିଲେ ବି ତାଙ୍କୁ ଏଠାକୁ ଆଣି ଦଣ୍ଡିତ କରାଯିବ । ଏନେଇ ଯାହା ପଦକ୍ଷେପ ନିଆଯିବା ଦରକାର ସେ ପ୍ରକ୍ରିୟା ମଧ୍ୟ ସରକାର ଆରମ୍ଭ କରିସାରିଛନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।"

ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ପ୍ରଭାବଶାଳୀ ବିଧାୟକ ଅରୁଣ ସାହୁ କହିଛନ୍ତି ଯେ " କେନ୍ଦ୍ରରେ ଓ ରାଜ୍ୟରେ ବିଜେପିର ସରକାର ଅଛି । ଯଦି ରାଜ୍ୟରେ ଏହି ଅଫିସରମାନେ ରହିଲେ ବିକାଶ ପ୍ରକ୍ରିୟାକୁ ଗୋଳିଆ କରିଦେବେ ତା'ହେଲେ କେନ୍ଦ୍ରରେ କିଭଳି ସଫା ରଖିବେ? ତା'ଛଡା ସର୍ବଭାରତୀୟ ସେବାର କର୍ମଚାରୀମାନେ କେଉଁଠି ନିଯୁକ୍ତି ପାଇବେ ତାହା କ'ଣ ସମ୍ପୃକ୍ତ ଅଫିସର ସ୍ଥିର କରନ୍ତି କି? ରାଜ୍ୟ ସରକାର ଦେଉଛନ୍ତି ବୋଲି ତ କେନ୍ଦ୍ର ସରକାର ନେଉଛନ୍ତି । ତେଣୁ ସେମାନଙ୍କୁ ସରକାରୀ କାର୍ଯ୍ୟରେ ନଲଗାଇ ଗୋଳିଆ କରୁଛନ୍ତି ବୋଲି ମନ୍ତ୍ରୀ କହିବା ସରକାରଙ୍କ ପାରିବାପଣିଆକୁ ବି ପଦାରେ ପକାଉଛି ।" ସେହିପରି ରାଜ୍ୟର ପୂର୍ବତନ ମୁଖ୍ୟ ସଚିବ ସହଦେବ ସାହୁ କହିଛନ୍ତି ଯେ " ଡବଲ ଇଞ୍ଜିନ ସରକାର ଅଛି । ଛୋଟ ଇଞ୍ଜିନରୁ ଯାଇ ବଡ ଇଞ୍ଜିନରେ ରହିବେ ସେମାନେ ।

## ନାବାଳିକାକୁ ବିଜେପି ନେତାଙ୍କ ପୁଅ ଗର୍ଭବତୀ କରିବା ଘଟଣା: ପୀଡ଼ିତାଙ୍କ ସମ୍ପର୍କୀୟଙ୍କୁ ଭେଟିଲା ବିଜେଡି ଟିମ୍



ଭୁବନେଶ୍ୱର, ୨୯।୫(ପି.ଏନ): ବୋରିଗୁମ୍ମା ବ୍ଲକ ଜୟପୁର ସଦର ଥାନା ଅଞ୍ଚଳରେ ୧୬ ବର୍ଷୀୟ ନାବାଳିକାକୁ ବିଜେପି ନେତାଙ୍କ ପୁଅ ଗର୍ଭବତୀ କରିବା ଘଟଣା । ପୀଡ଼ିତାଙ୍କ ସମ୍ପର୍କୀୟ ଘରକୁ ଯାଇ ପରିବାର ଲୋକଙ୍କୁ ଭେଟିଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ବିଜେପି ନେତାଙ୍କ ପୁଅ ହୋଇଥିବାରୁ ସଂପୃକ୍ତ ନାବାଳିକାକୁ ଆତଙ୍କିତ କରି ବାରମ୍ବାର ଦୁଷ୍କର୍ମ କରିଥିଲା ସଂପୃକ୍ତ ଯୁବକ । ଘଟଣାରେ ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ ହେବାରୁ ମାମଲାକୁ ଗୁରୁତର ସହ ନେଇଛି ବିଜେଡି । ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କୁ ଭେଟିଛନ୍ତି । ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ କୋରାପୁଟ ଏସପିଙ୍କୁ ଦାବିପତ୍ର ପ୍ରଦାନ କରିଛି ବିଜେଡି ଟିମ୍ । ନାବାଳିକା ଜଣକ ଦୁଷ୍କର୍ମର ଶିକାର ହେବାପରେ ଗର୍ଭବତୀ ହୋଇଥିବା ନେଇ ମେ' ୨୨ ତାରିଖରେ ଜୟପୁର ମହିଳା ଥାନାରେ ମାମଲା ରୁଜୁ ହୋଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ଅଭିଯୁକ୍ତକୁ ପୋଲିସ ଘଣ୍ଟା ଘୋଡାଉଥିବା ଅଭିଯୋଗ ହୋଇଛି । କୋରାପୁଟ ଜିଲ୍ଲାରେ ବାରମ୍ବାର ଆଦିବାସୀ ଯୁବତୀ ନାବାଳିକାକୁ ଦୁଷ୍କର୍ମ କରାଯାଉଥିବା ବେଳେ ୪ଟି ଦୁଷ୍କର୍ମ ଘଟଣା ଘଟିଛି । ହେଲେ ରାଜ୍ୟ ସରକାର ଓ ରାଜ୍ୟ ପୋଲିସ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବା ଅଭିଯୋଗ କରିଛନ୍ତି ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ।

## ଜଗତସିଂହପୁରରେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା, ଦୁର୍ଗନ୍ଧରେ ଫାଟିପଡୁଛି ୨୧ଟି ୱାର୍ଡ



ଭୁବନେଶ୍ୱର, ୨୯।୫(ପି.ଏନ): ଜଗତସିଂହପୁରରେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା । କେଉଁଠି ପୋତି ହୋଇଗଲାଣି ତ କେଉଁଠି ଦଳ ଲାଗି ଜାମ ହୋଇଗଲାଣି । ଅସରାଏ ବର୍ଷା ହେଲେ ରାସ୍ତା ଉପରେ ଜମୁଛି ଡ୍ରେନ ପାଣି । ଦୁର୍ଗନ୍ଧରେ ଫାଟିପଡୁଛି ୨୧ଟି ୱାର୍ଡ । ଆଗକୁ ମୌସୁମୀ ଆସୁଥିବାରୁ ଚିନ୍ତାରେ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ।ବର୍ଷା ଜଳରେ ଲହଡ଼ି ଭାଙ୍ଗୁଛି ଡ୍ରେନ ପାଣି। ଚାରିଆଡ଼? ଦୁର୍ଗନ୍ଧ ଓ ପୁତିଗନ୍ଧ ମୟ ପରିବେଶ। ଲଘୁଚାପ ଜନିତ ଲଗାଣରେ ଏ ହେଉଛି ଜଗତସିଂହପୁର ପୌରପରିଷଦ ଅଞ୍ଚଳର ଦୃଶ୍ୟ । ୨୧ଟି ୱାର୍ଡରେ ନାହିଁ ନଥିବା ସ୍ଥିତି। ନାଳ ଦୁର୍ଗନ୍ଧ ଯୋଗୁ ଲୋକେ ନାହିଁ ନ ଥିବା ସ୍ଥିତିରେ। କୋଉଠି ଡ୍ରେନ ପୋଲିହେଲାଣି କେଉଁଠି ଦଳ ଓ ଅଳିଆରେ ଜାମ ହୋଇଯାଇଛି । ରାସ୍ତା କଡ଼ରେ କୁଢ଼କୁଢ଼ ଅଳିଆ ଆବର୍ଜନା ଦୀର୍ଘ ମାସ ଧରି ପଡିରହିଛି । ହେଲେ ମ୍ୟୁନସିପାଲଟିର ନିଘା ନାହିଁ । ଫଳରେ ସାଧାରଣ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଲାଣି ।ଜଗତସିଂହପୁରରେ ଡ୍ରେନେଜ ପାଣି ନିଷ୍କାସନ ହେବା ପାଇଁ ପୂର୍ବରୁ ମ୍ୟୁନସିପାଲଟି ପକ୍ଷରୁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେବ ବୋଲି କୁହାଯାଉଥିଲା । ହେଲେ ଏପର୍ଯ୍ୟନ୍ତ ତାହା ପ୍ରସ୍ତୁତ ହୋଇପାରିଲା ନାହିଁ । ଲୋକେ ଯେଉଁ ହୀନସ୍ତାକୁ ସେହି ହୀନସ୍ତା । ୱାର୍ଡ ଭିତରେ ଡ୍ରେନ ପାଣି ଜମୁଥିବାରୁ ହନ୍ତସନ୍ତ ହେଉଛନ୍ତି ୪୦ରୁ ଊର୍ଦ୍ଧ୍ୱ ଲୋକେ । ସେପଟେ ଆଗକୁ ଆସୁଛି ମୌସୁମୀ । ଆଗାମୀ ଦିନରେ ଜଗତସିଂହପୁର ସହର ଏବଂ ପୌର ପରିଷଦ ଅଧିନ ୱାର୍ଡ ଗୁଡିକରେ ରହିଥିବା ମାଧପୁର, ନାଗପୁର ଏବଂ ପାଣିସାଳିଆ ଡ୍ରେନେଜ ଅଧିନ ଅଞ୍ଚଳ ଗୁଡ଼ିକର ଅବସ୍ଥା କଣ ରହିବ ତାହା ଚିନ୍ତାର କାରଣ ପାଲଟିଛି । ଅନ୍ୟପଟେ ପୌର ପରିଷଦ ପକ୍ଷରୁ କୁହାଯାଉଛି କାମ ଚାଲିଛି ଆଉ ଡ୍ରେନେଜକୁ ଚିଠି ଲେଖା ହୋଇଛି ।

## ଘର ଭିତରେ ଲହଡ଼ି ଭାଙ୍ଗୁଛି ପାଣି, ଭୋକରେ ପୁରା ପରିବାର



ଭୁବନେଶ୍ୱର, ୨୯।୫(ପି.ଏନ): ଦୁଇ ଦିନ ହେବ ଚୁଲି ଜଳୁନି କି ପେଟକୁ ଦାନା ମୁଠେ ଯାଉନି । ଘର ଭିତରେ ଲହଡ଼ି ମାରୁଥିବା ବର୍ଷା ପାଣି ବୋହି ବୋହି ନୟାନ୍ତ ହେଲେଣି ପୁରା ପରିବାର। ରାଜନୈତିକ ଚକ୍ରବ୍ୟୁହରେ ଫସିଥିବା ପରିବାର ପାଇଁ ଏବେ ଦାଉ ସାଧୁଛି ଅଦିନିଆ ଲଘୁଚାପ ଜନିତ ବର୍ଷା । ଏମିତି ଘଟଣା ଦେଖିବାକୁ ମିଳିଛି ଚାନ୍ଦବାଲି ବ୍ଲକ ଖେରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଖେରଙ୍ଗ ଗାଁରେ । ଚାନ୍ଦବାଲି ଅଞ୍ଚଳରେ ଲାଗି ରହିଛି ଲଘୁଚାପ ଜନିତ ବର୍ଷା । ବର୍ଷାଜଳ ନିଷ୍କାସନ ନହୋଇପାରି ଗାଁ ଦାଣ୍ଡରେ ସୃଷ୍ଟି ହୋଇଛି କୃତ୍ରିମ ବନ୍ୟା ପରିସ୍ଥିତି । ସେହିପରି ଖେରଙ୍ଗ ଗାଁର ବସନ୍ତ ମଲ୍ଲିକଙ୍କ ଘର ଏକ ତଳିଆ ସ୍ଥାନରେ ଅବସ୍ଥିତ । ସେହି ବାଟ ଦେଇ ଗାଁ ଯାକର ବର୍ଷା ପାଣି ନିଷ୍କାସିତ ହୋଇଥାଏ । ମାତ୍ର ଗାଁ ରେ ଥିବା ସରକାରୀ ଜାଗାକୁ କିଛି ମୁଷ୍ଟିମେୟ ଲୋକ ଅବରୋଧ କରିବା ଫଳରେ ବସନ୍ତ ମଲ୍ଲିକଙ୍କ ଘର ନିକଟରେ ଗାଁ ଯାକର ପାଣି ଜମିବା ସହ ସୃଷ୍ଟି ହୋଇଛି କୃତ୍ରିମ ବନ୍ୟା ପରିସ୍ଥିତି । କେବଳ ସେତିକି ନୁହେଁ ବସନ୍ତ ମଲ୍ଲିକଙ୍କ ଘରେ ଦୁଇ ଫୁଟର ପାଣି ଲହଡ଼ା ଖେଳୁଛି । ଦୀର୍ଘ ୨ବର୍ଷ ହେବ ଏହି ସମସ୍ୟା ଲାଗି ରହିଛି । ସମସ୍ୟାର ସମାଧାନ ପାଇଁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓ, ତହସିଲଦାରଙ୍କ ସହିତ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଆଭିଯୋଗ କରିଛନ୍ତି ବସନ୍ତ । ବର୍ଷା ଜଳ ନିଷ୍କାସନ ପାଇଁ ଅନେକ ବିକଳ୍ପ ଥିଲେ ମଧ୍ୟ ରାଜନୈତିକ ହସ୍ତକ୍ଷେପ ଯୋଗୁଁ ସମାଧାନ ହୋଇ ପାରୁନି। ଦୁଇ ଗୋଷ୍ଠୀଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ ଚେଷ୍ଟା କରାଯାଉଥିବା କହିଛନ୍ତି ଚାନ୍ଦବାଲି ତହସିଲଦାର ଓ ଭାରପ୍ରାପ୍ତ ବିଡିଓ ।









# ଟି ଟାଇମ୍

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୂର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ଼ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଭ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ୱିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ୍ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ଢ୍ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

# କେନ୍ଦ୍ରାପଡ଼ାର ରାଜନୀତିକ ଦୃଶ୍ୟ !

ସାମ୍ପ୍ରତିକ ରାଜନୀତିରେ ନେତାଙ୍କୁ ଚିହ୍ନିବା ସହଜ ନୁହେଁ। ସାଧାରଣତଃ ତୃଣମୂଳ ସ୍ତରରେ ଲୋକଙ୍କ ସେବା କରି, ଲୋକଙ୍କ ସୁଖ-ଦୁଃଖରେ ଏକାକାର ହୋଇ ନେତା ପାଲଟି ଥିବା ବ୍ୟକ୍ତି ହିଁ ବାସ୍ତବ କ୍ଷେତ୍ରରେ ଲୋକପ୍ରତିନିଧି ହେବାକୁ ଯୋଗ୍ୟ ହୋଇ ଥାଏ। ଲୋକେ ରାଜନେତାଙ୍କ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଓ କପୋଳକଳ୍ପିତ କଥାରେ ସାଧାରଣ ଲୋକଙ୍କ ସମର୍ଥନ ମିଳେନାହିଁ। ବିକାଶମୂଳକ କାର୍ଯ୍ୟ ଏବଂ ସାଧାରଣ ଲୋକ ମାନଙ୍କର ମଙ୍ଗଳ ପାଇଁ ନିଷ୍ଠାପର କାର୍ଯ୍ୟ କରି ଚାଲିଲେ, ଯିଏ କେହି ଲୋକଙ୍କ ବିଶ୍ୱାସଭାଜନ ହୋଇଥାଏ। ସାଧାରଣତଃ କୁହାଯାଇଥାଏ, ଭାରତୀୟ ଗଣତନ୍ତ୍ରର ମନ୍ଦିର ଗୁଡ଼ିକୁ ଆମେ ଗଣତାନ୍ତ୍ରିକ ସଂସ୍କାର ଥିବା ଓ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣକୁ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ କରିପାରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଇବା ଉଚିତ। କାରଣ ସେମାନେ ଆମର ପ୍ରତିନିଧି, ପ୍ରବକ୍ତା ଓ ସୁଖ-ଦୁଃଖର ସାଥୀ ମଧ୍ୟ। ଯେତେବେଳେ ସୁଯୋଗ୍ୟ ନେତାମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୁଅନ୍ତି, ସେତେବେଳେ ସଂପୃକ୍ତ ଅଂଚଳ ତଥା ସାଧାରଣ ଲୋକଙ୍କ ଉନ୍ନତି ହେବା ସହ ସେହି ନେତା ନିଜ ନିର୍ବାଚନ କ୍ଷେତ୍ରରେ ଅପରାଜେୟ ହୋଇଯାଆନ୍ତି। ସମସ୍ତ ରେକର୍ଡ଼ ଭାଙ୍ଗି ରାଜ୍ୟ ଓ ଦେଶରେ ଇତିହାସ ସୃଷ୍ଟି କରନ୍ତି ! ଚିରଦିନ ପାଇଁ ଲୋକମାନଙ୍କ ମନରେ ସେମାନେ ସ୍ମରଣୀୟ ହୋଇ ରହନ୍ତି। ସେହିଭଳି ଜଣେ ନେତା ହେଲେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା। ଆମେରିକାରେ ପାଠପଢା ଶେଷ ପରେ ବୈଜୟନ୍ତବାବୁ ଶିଳ୍ପ କ୍ଷେତ୍ରରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଧୀରେଧୀରେ ସେ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ। ବୈଜୟନ୍ତବାବୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଛନ୍ତି। କେବଳ କେନ୍ଦ୍ରାପଡ଼ା କି ଓଡ଼ିଶା ନୁହେଁ, ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ସାଂସଦ ଭାବେ ତାଙ୍କର ରାଜନୀତିକ ଓ ସଂସଦୀୟ କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ଜାତୀୟ ରାଜନୀତି ମଂଚରେ ଛିଡ଼ା କରି ଦେଇଛି। ୨୦୦୦ ଓ ୨୦୦୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡ଼ି ରାଜ୍ୟସଭା ସଂସଦୀୟ ଦଳର ନେତା ପଦରେ ଅଧିଷ୍ଠିତ ହୋଇଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସେ ବିଜେଡ଼ି ଟିକଟରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ବିଭିନ୍ନ ସଂସଦୀୟ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ।

ସଂସଦ ଅଧିବେଶନରେ ବୈଜୟନ୍ତ ବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା ଓ ଜାତୀୟ ସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ସଂସଦ ବାହାରେ, ନିଜ ରାଜ୍ୟରେ ଓ ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଅଦ୍ୱିତୀୟ। ସଂସଦ ଅଧିବେଶନରେ ପ୍ରଶ୍ନ-ଉତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ସ୍ଥଗନ, ଚର୍ଚ୍ଚା ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ବୈଜୟନ୍ତବାବୁ ଉପସ୍ଥିତ ରହି ସବୁଥିରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି। ଦେଶରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି। ଏଥିପାଇଁ ମଧ୍ୟ ସେ ସଂସଦରେ ଅନେକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଛନ୍ତି। ୨୦୧୧ରେ ବୈଜୟନ୍ତବାବୁଙ୍କ ସମେତ ଏକ ଉଚ୍ଚସ୍ତରୀୟ ଯୁବ ସଂସଦୀୟ ଦଳ "ସିଟିଜେନ୍ସ ଆଲିଆନ୍ସ ଏଗ୍‌ନେଷ୍ଟ ମାଲ୍‌ନ୍ୟୁଟ୍ରିସନ୍" ଶିଶୁ ପୁଷ୍ଟିହୀନତାର କାରଣ ସଂପର୍କରେ ସାରା ଭାରତରେ ବୁଲି ମା', ଶିଶୁ, ଅଙ୍ଗନୱାଡ଼ୀ କର୍ମୀ ଓ ସରକାରୀ କର୍ମକର୍ତାଙ୍କୁ ଭେଟିଥିଲେ। ଏହି ଦଳ ୧ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ଓ ୭୪ ହଜାରରୁ ଊର୍ଦ୍ଧ୍ୱ ମା'ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହା ଦେଶର ସବୁଠୁ ବଡ଼ ପୁଷ୍ଟିହୀନତା ସର୍ଭେ ଥିଲା। ୨୦୧୩ରେ ରାଜନୀତିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଥିବା ଅପରାଧିକ ମାମଲାର ବିଚାର ପାଇଁ ସ୍ପେଶିଆଲ୍ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ ପାଇଁ, ୨୦୧୩ରେ ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ, ୨୦୧୪ରେ ଜଣେ ବ୍ୟକ୍ତି ଏକସମୟରେ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ର ଉଭୟରୁ ନିର୍ବାଚିତ ହୋଇ ପରେ ଯେଉଁ ଆସନରୁ ଇସ୍ତଫା ଦେବେ, ସେଠାରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ପରାଜିତ ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷିତ କରିବାକୁ ସଂସଦରେ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୧୮ ଜାନୁୟାରୀ ୨୪ ତାରିଖରେ ତାଙ୍କୁ ବିଜେଡ଼ିର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଥିଲା, ଯାହାକୁ କେନ୍ଦ୍ରାପଡ଼ାର ସଚେତନଶୀଳ ନାଗରିକମାନେ ଗ୍ରହଣ କରିପାରି ନ ଥିଲେ। ତା.୨୮.୦୫.୨୦୧୮ରିଖରେ ବିଭିନ୍ନ କାରଣ ଦର୍ଶାଇ ବୈଜୟନ୍ତବାବୁ ବିଜେଡ଼ିରୁ ଇସ୍ତଫା ଦେଇଥିଲେ ଓ ତା.୧୨.୦୬.୨୦୧୮ ରିଖରେ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ୨୦୧୯ ମାର୍ଚ୍ଚ ୪ ତାରିଖରେ ସେ ବିଜେପିରେ ଯୋଗ ଦେଇଥିଲେ। ଏହାର ମାତ୍ର ଚାରିଦିନ ପରେ ମାର୍ଚ୍ଚ ୮ ତାରିଖରେ ତାଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ବିଜେପି ଜାତୀୟ ଉପ-ସଭାପତି ତଥା ମୁଖପାତ୍ର ପଦରେ ଅବସ୍ଥାପିତ କରାଯାଇଥିଲା। ବୈଜୟନ୍ତବାବୁ ଯେପରି ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇଥା'ନ୍ତି ଓ ଲୋକଙ୍କୁ ଭଲ ପାଆନ୍ତି, ପୂର୍ବର କୌଣସି ସାଂସଦଙ୍କଠାରେ ତାହା ଦେଖାଯାଇ ନ ଥିଲା। ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ ବୈଜୟନ୍ତବାବୁ। ତେବେ ବୈଜୟନ୍ତବାବୁ ୨୦୧୯ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରେ ତୃତୀୟ ଥର ପାଇଁ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ନିର୍ବାଚନରେ ବିଜେଡ଼ିର ଅନୁଭବ ମହାନ୍ତି ୬,୨୮,୯୩୯ ଖଣ୍ଡ ଭୋଟ ପାଇଥିଲାବେଳେ ବିଜେପିର ବୈଜୟନ୍ତ ପଣ୍ଡା ୪,୪୭,୪୫୬ ଖଣ୍ଡ ଭୋଟ ଏବଂ କଂଗ୍ରେସର ଧରଣୀଧର ନାୟକ ୧,୧୩,୮୪୧ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ବିଜେଡ଼ିର ଅନୁଭବ ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୈଜୟନ୍ତବାବୁଙ୍କୁ ୧,୮୧,୪୮୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ଯେ, କେନ୍ଦ୍ରାପଡ଼ାର ବିକାଶ ପାଇଁ ବୈଜୟନ୍ତ ବାବୁ ଅନେକ ଉନ୍ନୟନ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତାମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କଲେ କାହିଁକି ? ତେବେ ମୁଖ୍ୟତଃ ଦୁଇଟି କାରଣ ପାଇଁ ବୈଜୟନ୍ତବାବୁ ପରାଜିତ ହେଲେ ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ।। ପ୍ରଥମତଃ ବିଜେପିରେ ମିଶିବା ତାଙ୍କ ପାଇଁ କାଳ ହେଲା। କାରଣ ଯେଉଁ ସଂଖ୍ୟାଲଘୁ ଭୋଟ୍, ପୂର୍ବରୁ ବୈଜୟନ୍ତବାବୁଙ୍କ ହାତମୁଠାରେ ଥିଲା, ସେ ବିଜେପିର ପ୍ରାର୍ଥୀ ହେବାପରେ ପ୍ରାୟତଃ ସବୁ ଭୋଟ ବିଜେଡ଼ି ହାତକୁ ଚାଲିଗଲା। ଦ୍ୱିତୀୟତଃ ବୈଜୟନ୍ତ ବାବୁଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବ ଗୋଷ୍ଠୀର ଭୋଟଗୁଡ଼ିକ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା। ସେହିପରି ଭୋଟ ପରିଚାଳନା ବେଳେ ସେ ତାଙ୍କର ପୁରୁଣା ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ଆଡ଼େଇଦେବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବୈଜୟନ୍ତ ବାବୁଙ୍କ ପ୍ରାର୍ଥୀତ୍ୱ ଓ ନିର୍ବାଚନ ବିଜୟ ପାଇଁ ବିଜେପିର କେତେକ ଆଗଧାଡ଼ିର ନେତା ସେମିତି କିଛି ସହଯୋଗ ଦେଇନଥିବା ସେତେବେଳେ ମନେହୋଇଥିଲା ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କର ଅଭିନେତ୍ରୀ ସହଧର୍ମିଣୀ ବର୍ଷା ପ୍ରିୟଦର୍ଶିନୀ ନିଜର ଯଥେଷ୍ଟ ଉଦ୍ୟମ ବଳରେ ଯୁବଗୋଷ୍ଠୀକୁ ନିଜ ପକ୍ଷକୁ ଆଣିପାରିଥିଲେ। ଯେଉଁଥିପାଇଁ ବିଜେଡ଼ି ସହଜ ବିଜୟଲାଭ କରିଥିଲା।

ବାସ୍ତବତା ଦେଖାଗଲେ, ବୈଜୟନ୍ତ ପଣ୍ଡା ଜଣେ ଭିନ୍ନ ଚରିତ୍ରର ମଣିଷ। ସାଂସଦ ନଥାଇ ମଧ୍ୟ ସେ ସବୁବେଳେ କେନ୍ଦ୍ରାପଡ଼ା ଅଂଚଳରେ ରହି ଲୋକମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଥିବା ଦେଖାଯାଉଛି। ଦଳମତ ନିର୍ବିଶେଷରେ କେନ୍ଦ୍ରାପଡ଼ାର ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରିଥିବା ବେଳେ ତାଙ୍କ ପ୍ରତି ମଧ୍ୟ କେନ୍ଦ୍ରାପଡ଼ାବାସୀଙ୍କର ଏବେ ବି ଅକୁଣ୍ଠ ସମର୍ଥନ ରହିଛି।

# ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ



ଭବାନୀପାଟଣା ,(ପି.ଏନ): କଳାହାଣ୍ଡି ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ତରଫରୁ ଦୁଆରସନୀ ଗ୍ରାମ ପଞ୍ଚାୟତରେ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ଆର୍ଥିକ ସେବା ଓ ସ୍ୱଳ୍ପ ସଞ୍ଚୟ ବିବେକାନନ୍ଦ ମହାନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଭବାନୀପାଟଣା କୃଷ୍ଣ ପ୍ରସନ୍ନ ପଣ୍ଡା ଯୋଗଦେଇ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ ଚିଟଫଣ୍ଡ କମ୍ପାନୀରେ ଟଙ୍କା ବିନିଯୋଗ କରିବାର ଅପକାରିତା, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା, ଅଟଳ ପେନସନ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏଥିରେ ମିଶନଶକ୍ତି ମଣ୍ଡଳୀ ଓ ଅଙ୍ଗନବାଡି କର୍ମକର୍ତ୍ତା କର୍ମୀ ଯୋଗ ଦେଇଥିଲେ ।

# ପ୍ରଣତି ସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ

ମାହାଙ୍ଗା ,(ପି.ଏନ): ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅର୍ନ୍ତଗତ ବାଲିପଡା ଠାରେ ମନୋଜ କୁମାର ସିଂହଙ୍କ ପତ୍ନୀ ପ୍ରଣତି ସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାହାଙ୍ଗା ପଂଚାୟତର ପୂର୍ବତନ ସରପଂଚ ଭାଗବତ ସେଠୀ, ଜତିନ୍‌ଜୟ କୁଅଁର, ସନ୍ତୋଷ ସିଂହ,ତୋଫାନ ସିଂହ, ବିଜୟ ସିଂହ, ଅରୁଣ ମହାରଣା,ବିଚିତ୍ରାନନ୍ଦ ସାହୁ, ଅଜୟ ମହାନ୍ତି,ମୋହନ ଚରଣ ସିଂହ,ଦିଲ୍ଲିପ ସିଂହ, ରବିନ୍ଦ୍ରନାଥ ସିଂହ,ଦାମୋଦର ସିଂହ,ପ୍ରହଲ୍ଲାଦ ସିଂହ, ସାମ୍ବାଦିକ ବିଜୟ କୁଅଁରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ସିଂହ, ସ୍ୱର୍ଣ୍ଣଲତା ସିଂହ, ଅନ୍ନପୂର୍ଣ୍ଣା ସିଂହ, ମାମାଲି ସିଂହ, ପ୍ରୟାଂଶୁ ସିଂହ, ମାନସି ସିଂହ, ପ୍ରତିଭା ସିଂହ, ପଙ୍କଜ କୁମାର ସିଂହ ଓ ପୁତ୍ର ପ୍ରସନଜିତ୍ ସିଂହ ଉପସ୍ଥିତ ରହିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଣତି ସିଂହଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନାରୀବିନା ସଂସାର ଅଧୁରା,ଏଣୁ ନାରୀଙ୍କୁ ଗୃହଲକ୍ଷ୍ମୀଭାବେ ମାନ୍ୟତା ଦିଆଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ସୁରକ୍ଷାରେ ତ୍ରୁଟି ଯୋଗୁଁ କାରଖାନା ପରିସରରେ ଦୁର୍ଘଟଣା ପରେ ଟିପର ଚାଳକର ମୃତ୍ୟୁ



କେନ୍ଦୁଝର (ପିଏନ୍): କାରଖାନା ପରିସରରେ ସୁରକ୍ଷାରେ ତୃଟି ଯୋଗୁଁ ଜଣେ ଟ୍ରକ ଚାଳକର ମୃତ୍ୟୁ ହୋଇଛି। ପୋଲିଓ ଏବଂ କାରଖାନା ଓ ବାଷ୍ପିତ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବାମେବାରୀ ଥାନା ଅନ୍ତର୍ଗତ ବସନ୍ତପୁରଠାରେ ଥିବା ଏସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ପିଲେଟ ଏବଂ ବେନିଫିକେସନ କାରଖାନା ପରିସରରେ ଏକ ଲୁହାପଥର ଗୁଣ୍ଡ ବୋଝେଇ ଟିପର ଦୁର୍ଘଟଣା ଘଟି ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। କାରଖାନା ପରିସରରେ ଟ୍ରାଫିକ ସୁରକ୍ଷା ବ୍ୟବସ୍ଥା ଢିଲା ଓ ଭିତରେ ଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବାବେଳେ ଏବେ ଏକ ଦୁର୍ଘଟଣା ଘଟି ଜଣେ ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକଙ୍କ ନାମ ଛେଦି ମୁଣ୍ଡା ଏବଂ ବୟସ ୩୧ବର୍ଷ ବୋଲି ଜଣାପଡିଛି। ଏହାକୁ ନେଇ ବାମେବାରୀ ଥାନା ପୋଲିସ ଏକ କେସ ନଂ ୨୦୨ ଦଫା ୨୭୯, ୩୦୪ (ଏ) ଏକ ମାମଲା ରୁଜୁ କରିଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କାରଖାନା ପରିସରରେ ବେପରୁଆ ଗାଡି ଚାଳନା ଯୋଗୁ ଗାଡି ଚାଳକର ମୃତ୍ୟୁ ହୋଇଥିବା ପୋଲିସ କହିଛି। କାରଖାନା ପରିସରରେ ଦୃତ ଗତିରେ ଗାଡି ଚଲାଉଥିଲେ ସୁରକ୍ଷା କର୍ମଚାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦୁଝରସ୍ଥିତ ସହକାରୀ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ପକ୍ଷରୁ ମଧ ତଦନ୍ତ ଆରମ୍ଭ ହୋଇଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏହି ଘଟଣାକୁ ଭିନ୍ନ ମୋଡ ଦେଇ କାରଖାନା କର୍ତ୍ତୃପକ୍ଷ ଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ ଚାଲିଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଠାରେ ସୂଚନା ଯୋଗ୍ୟ ଯେ, କାରଖାନା ପରିସରରେ ଥିବା ରାସ୍ତାଘାଟ ଗୁଡିକ ସଠିକ ମାନର କରିବା ସହ ଶ୍ରମିକ ତଥା ଗାଡି ଚାଳକ ମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାର ବ୍ୟବସ୍ଥା ରହିଛି। ସେହିପରି କାରଖାନା ପରିସରରେ ଧୂଳି,ଧୂଆଁ ପ୍ରଦୂଷଣ ନିୟନ୍ତ୍ରଣ କରି ଦୁର୍ଘଟଣା ରୋକିବା ନେଇ ମଧ ପଦକ୍ଷେପ ନିଆଯାଇଥାଏ। ତେବେ ଏସବୁ ଅବ୍ୟବସ୍ଥା ତଦାରଖ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ଶ୍ରମ ବିଭାଗ,କାରଖାନା ଓ ବାଷ୍ପିତ ବିଭାଗ ଗସ୍ତ କରି ଯାଂଚ କରିଥାନ୍ତି। ତେବେ ଏହି କାରଖାନାରେ ସେ ସବୁ ଠିକ୍ ଭାବରେ ଯାଂଚ ହୋଇଛି କି ନାହିଁ ତାହାର ତଦନ୍ତ କରିବା ସହ ନିୟମିତ ରାସ୍ତାଘାଟ ସଫେଇ ଓ ଜଳସିଞ୍ଚନ କରାଯାଉନଥିବାରୁ ଗାଡି ଚଳାଚଳ ସମୟରେ ଧୂଳି ଉଡି ସମସ୍ୟା ଦେଖାଦେଇଥାଏ। ଏଣୁ ଏସବୁ ଦୃଷ୍ଟିକୋଣରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତ ଡ୍ରାଇଭରକୁ କ୍ଷତିପୂରଣ ଦେଇ ନ୍ୟାୟ ଦେବାକୁ ଦାବୀ ହୋଇଛି। ଏନେଇ ବାମେବାରୀ ଥାନା ଅଧିକାରୀ ସ୍ୱରୂପ ରଂଜନ ନାୟକ କହିଛନ୍ତି ଯେ, ଘଟଣାକୁ ନେଇ କେସ କରାଯାଇ ତଦନ୍ତ ଚାଲିଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦାଙ୍କ ସହ ଯୋଗାଯୋଗ କରିବାରୁ କାରଖାନା ପରିସରରେ ଦୁର୍ଘଟଣାର ତଦନ୍ତ ଚାଲିଛି। ମାଲଗାଡିଗୁଡିକ କାରଖାନାରୁ ବାହାରିବା ସମୟରେ ଗାଡିର ଚକା ପାଣିରେ ଧୋଇବା ପାଇଁ ଯେଉଁ ବ୍ୟବସ୍ଥା ହେବା କଥା ତାହା ନାହିଁ। ଫଳରେ କାରଖାନା ଗାଡି ଯିବା ଆସିବା ସମୟରେ ଧୂଳି ଉଡି ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। କାରଖାନା ପରିସରରେ ଜଳସିଞ୍ଚନ ବ୍ୟବସ୍ଥା ମଧ ଠିକ୍ ଭାବରେ କାମ କରୁନଥିବା ଅଭିଯୋଗ ହୋଇଛି। କାରଖାନା ଭିତର ରାସ୍ତା ସଂପୂର୍ଣ୍ଣ ଭାବରେ ଗମନାଗମନ ଅନୁପଯୁକ୍ତ ହୋଇପଡିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଖାନା ଭିତର ରାସ୍ତାକୁ ପକ୍କା କରିବା ପାଇଁ ନିର୍ଦ୍ଦେଶନାମା ରହିଥିଲେ ମଧ କାରଖାନା କର୍ତ୍ତୃପକ୍ଷ ଦୀର୍ଘଦିନ ଧରି ଅଣଦେଖା କରୁଛନ୍ତି। ଯାହାଦ୍ୱାରା ଗାଡି ଚଳାଚଳ ସମୟରେ ପ୍ରବଳ ମାତ୍ରାରେ ଧୂଳି ଉଡି ଗୋଟିଏ ଗାଡି ଅନ୍ୟ ଗାଡିକୁ ଦେଖିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଦୁର୍ଘଟଣା ଆଶଙ୍କା ରହୁଛି। ଗାଡି ଚାଲିବା ଦ୍ୱାରା ଏତେ ମାତ୍ରାରେ ଧୂଳି ଉଡୁଛି ଯେ କାରଖାନାର କର୍ମଚାରୀମାନେ ମଧ କାରଖାନା ପରିସରରେ କାମ କରିବା ନିରାପଦ ମଣୁନାହାଁନ୍ତି। କାରଖାନା ଯାଞ୍ଚ ପାଇଁ ଶିଳ୍ପ ବିଭାଗ ଏକ କମିଟି ଗଠନ କରଛନ୍ତି। ଯାହାକୁ ସେଣ୍ଟ୍ରାଲ ଇନ୍ସପେକ୍ସନ କୋ-ଅଡିନେସନ ଗୃପ(ସିଆଇସିଜି) କୁହାଯାଉଛି। ଏହି ଗ୍ରୁପ ରେ ଶ୍ରମ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ କୁ ସାମିଲ କରାଯାଇଛି। କମ୍ପ୍ୟୁଟର ଜେନେରେଟେଡ ପ୍ରୋଗ୍ରାମ ଅନୁସାରେ ଏହାର ଅଧିକାରୀମାନେ ବିଭିନ୍ନ କଳକାରଖାନା ପରିଦର୍ଶନ କରିବାର ନିୟମ ରହିଛି । କିନ୍ତୁ ଶିଳ୍ପ ବିଭାଗର ଏହି ମହତ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାରେ ଫେଲ ମାରିଛି। ଯୁଗ୍ମ ଭାବେ ଯାଂଚ ସମୟରେ ଅନେକ ବିଭାଗର ଅଧିକାରୀ ଅନୁପସ୍ଥିତ ରହି ପରବର୍ତ୍ତୀ ସମୟରେ କାଗଜକଲମରେ ଯାଂଚ ରିପୋର୍ଟ ପ୍ରସ୍ତୁତ କରି ଅନ୍‌ଲାଇନରେ ଅପଲୋଡ କରୁଛନ୍ତି। ଏପରିକି ଅନଲାଇନରେ ଅପଲୋଡ ପରେ ଏହାଉପରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଶିଳ୍ପ ବିଭାଗର ସିଆଇସିଜି ଯାଞ୍ଚ ର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଫଳରେ କଳକାରଖାନାରେ ଥିବା ବିଭିନ୍ନ ଅବ୍ୟବସ୍ଥାର ସୁଧାର ଆସି ପାରୁନାହିଁ। ଜନହିତକର ଏବଂ ଶିଳ୍ପ ପ୍ରୋତ୍ସାହନ ପାଇଁ କରାଯାଇଥିବା ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ।

# ବାଲି ଚୋରା ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ କୋଠିଡ଼ିହ ଗାଁ ନିକଟ ବ୍ରାହ୍ମଣୀ ନଦୀରୁ ହେଉଥିବା ବାଲି ଚୋରା ଚାଲାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି । ଏକ ବାଲି ବୋଝେଇ ହାଇୱା ଓ ପୋକଲିନ୍ ମେସିନ୍‌କୁ ଅଟକାଇ ଏହି ବେଆଇନ ବାଲିଘାଟକୁ ତୁରନ୍ତ ବନ୍ଦ କରିବା ପାଇଁ ନାରାବାଜି କରିଥିଲେ । ପ୍ରଶାସକ ଓ ରାଜନେତାଙ୍କ ସହଯୋଗରେ ଏଠାରୁ ବାଲିମାଫିଆ ବେଧଡ଼କ ବାଲି ଲୁଟ୍ କରୁଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ପ୍ରକାଶ ଯେ, ରସୁଲପୁର ତହସିଲ ଅଧୀନ ଲଙ୍କାବାଲିସାହି ବାଲିଘାଟ ଲିଜ୍ ନେଇଥିବା ଲିଜ୍‌ଧାରୀ ଧର୍ମଶାଳା ତହସିଲ ଅଧୀନ କୋଠିଡ଼ିହ ନିକଟ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ଉତୋଳନ କରୁଛନ୍ତି । ଦୁଇଟି ପୋକଲିନ୍ ମେସିନ୍ ବାଲି ଉତୋଳନ କରୁଥିବା ବେଳେ ଏହାକୁ କେତେକ ହାଇୱାରେ ପରିବହନ କରାଯାଉଛି । ଗୋଟିଏ ହାଇୱାରେ ବାଲି ବୋଝେଇ ହୋଇ ଗଲାପରେ ଅନ୍ୟ ଏକ ହାଇୱା ଘାଟରେ ପଶୁଛି । ସ୍ଥାନୀୟ ଅଂଚଳବାସୀଙ୍କୁ ଅନ୍ଧାରରେ ରଖି ଲିଜ୍‌ଧାରୀ ଅତି ଚତୁରତାର ସହ କେତେକ ହାଇୱାରେ ଦିନକୁ ଶତାଧିକ ଟ୍ରିପ୍ ବାଲି ଲୁଟି ନେଉଛନ୍ତି । ଲିଜ୍ ଅଂଚଳରୁ ବାଲି ଉଠାଇବା ପରିବର୍ତେ କାହା ନିର୍ଦ୍ଦେଶରେ ବିନା ଆର୍ ଫର୍ମରେ ଏଠାରୁ ବେଆଇନ ବାଲି ଉତୋଳନ ହେଉଛି ? ଲଘୁ ଖଣିଜ ସାମଗ୍ରୀ ଚୋରି ରୋକିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଆର୍‌ଆଇଙ୍କୁ ନେଇ ଗଠନ ହୋଇଥିବା ସ୍ୱତନ୍ତ୍ର ଟାକ୍ସଫୋର୍ସ କ'ଣ କରୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଆନ୍ଦୋଳନକାରୀ । ସେହିପରି ଚାନ୍ଦପୁର ମୌଜାରେ ବାଲି ସୈରାତ୍ ଲିଜ୍ ନେଇଥିବା ଲିଜ୍‌ଧାରୀ ଏଠାରୁ ୩୦ ହଜାର ଘନମିଟରରୁ ଅଧିକ ବାଲି ଲୁଟି ନେଇଥିଲେ । ସ୍ଥାନୀୟ ଅଂଚଳବାସୀଙ୍କ ବିରୋଧ ପରେ ଧର୍ମଶାଳା ତହସିଲ ପକ୍ଷରୁ ଗତ ଜୁନ୍ ମାସରେ ଏଠାରେ ଚଢ଼ଉ କରାଯାଇ ୭ଟି ବାଲି ବୋଝେଇ ହାଇୱା ଓ ୨ଟି ପୋକଲିନ୍ ମେସିନ୍ ଜବତ କରିଥିଲା । ସଂପୃକ୍ତ ବାଲିମାଫିଆ ବିରୋଧରେ ୨କୋଟି ଟଙ୍କା ଜରିମାନା କରାଯାଇଥିଲା । ଏହି ଜରିମାନା ବର୍ତମାନ ସୁଦ୍ଧା ଅନାଦେୟ ରହିଛି । ଏହାସତ୍ତ୍ୱେ ପୁଣି ଏଠାରୁ ୨୦ ହଜାର ଘନମିଟରରୁ ଅଧିକ ବାଲି ଲୁଟ୍ ହୋଇଯିବା ଘଟଣା ପ୍ରଶାସନର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୂର୍ବାହ୍ଣରେ ମଙ୍ଗଳପୁର ପଂଚାୟତର ନୂଆକୁଳ, ମଙ୍ଗଳପୁର ଓ କୋଠଡିହ ଗ୍ରାମବାସୀ ବେଆଇନ ବାଲିଘାଟକୁ ବିରୋଧ କରିବା ଓ ବାଲି ବୋଝେଇ ହାଇୱାକୁ ଅଟକାଇଥିବା ଖବର ପାଇ ବ୍ରହ୍ମବରଦା ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଁଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା । ଏ ସଂପର୍କରେ ପୁଲିସ୍ ଉଭୟ ଧର୍ମଶାଳା ଓ ରସୁଲପୁର ତହସିଲଦାରଙ୍କୁ ଅବଗତ କରାଇଥିଲେ । ଉକ୍ତ ବିବାଦର ସମାଧାନ ପାଇଁ ଦୁଇ ତହସିଲର ତହସିଲଦାରଙ୍କ ଉପସ୍ଥିତିରେ ଏରିଆ ମାପଚୁପ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଫଟୋ ସଂଗ୍ରହରେ ବିରଳ ରେକର୍ଡ



ଭୁବନେଶ୍ୱର (ପିଏନ୍): ବାଲକାଟି ରଥଜେମା ଗ୍ରାମର ଶ୍ରୀ ଦିଲ୍ଲୀପ କୁମାର ସାହୁ ବାସ୍ତବରେ ଜଣେ ନିଆରା ସଂଗ୍ରାହକ ଓ ଜଣେ ନିଆରା ମଣିଷ ମଧ। ଖବରକାଗଜରୁ ଦେଶ ବା ରାଜ୍ୟର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଫଟୋ ସବୁକୁ ସେ ନିୟମିତ ଭାବରେ ସଂଗ୍ରହର କରି ରଖିଥାନ୍ତି। ଆମ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କର ଅନେକ ଫଟୋକୁ ସେ ନିଜ ଫାଇଲ୍‌ରେ ସାଇତି କରି ରଖିଛନ୍ତି। ଅନେକ କ୍ରିକେଟ୍ ଖେଳାଳିଙ୍କ ଫଟୋକୁ ମଧ ସେ ସଂଗ୍ରହ କରି ରଖିଛନ୍ତି। ଆଜିକୁ ଦୀର୍ଘ ୨୦ ବର୍ଷ ତଳେ ସେ ଏହି ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୨୦୦୧ ମସିହାରେ ସେବେଠାରୁ ଦୀର୍ଘ ୨୨ ବର୍ଷ ହେଲାଣି ଦିଲ୍ଲୀପ ଏହି ସଂଗ୍ରହ କାର୍ଯ୍ୟ କରୁଛନ୍ତି। ନିକଟରେ ସେ ଆମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦୁବାଇ ସାରେଜାସ୍ଥିତ, ବ୍ରାଭୋ ଇଣ୍ଟରନ୍ୟାସ୍‌ନାଲ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଯଦିଓ ଏହି ଆନ୍ତର୍ଜାତିକ ସ୍ତରରେ ରେକର୍ଡ ବୁକ୍‌ରେ ସ୍ଥାନ ପାଇବା ସହଜସାଧ ନୁହେଁ । ତଥାପି ଦିଲ୍ଲୀପଙ୍କ ନିଷ୍ଠାପର ଭାବରେ ନିରନ୍ତର ସଂଗ୍ରହ ଦ୍ୱାରା ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦିଲ୍ଲୀପ ଆନ୍ତର୍ଜାତିକ ସ୍ତରରେ ଏହି ରେକର୍ଡ କରିଛନ୍ତି। ଦିଲ୍ଲୀପ ମଧ ପ୍ରତ୍ୟେକ ଦିନ ନିଜର ସଂଗ୍ରହକୁ ସାମାଜିକ ଗଣମାଧମରେ ସେୟାର କରନ୍ତି। ଆମ ଦେଶର ନୂତନ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ମଧ ଦିଲ୍ଲୀପଙ୍କ ସଂଗ୍ରହକୁ ଦିଲ୍ଲୀପଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଲାଇକ୍ କରିଛନ୍ତି। ଦିଲ୍ଲୀପ ମଧ ଆହୁରି ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରମାନେ ନିଜର ଏହି ସଂଗ୍ରହ କାର୍ଯ୍ୟ ଏବଂ କଳା ପାଇଁ ପାଇଛନ୍ତି। ନିକଟରେ ରାଷ୍ଟ୍ରୀୟ ପ୍ରେରଣା ଆୱାଡ-୨୦୨୨ ମଧ ଦିଲ୍ଲୀପ ପାଇଥିଲେ। ଦିଲ୍ଲୀପ ମଧ ୨୦୨୧ ମସିହାରେ ଆମ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଇଣ୍ଡିଆ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଥିଲେ। ଦିଲ୍ଲୀପ ଅନେକ ପୁରସ୍କାର ମଧ ଲାଭ କରିଛନ୍ତି। ୨୦୨୧ ମସିହାରେ ଇଣ୍ଡିଆ ଷ୍ଟାର ଇଣ୍ଡିପେଣ୍ଡେଣ୍ଟ ଆୱାର୍ଡ, ଇଣ୍ଡିଆ ପ୍ରାଉଡ୍ ଆୱାର୍ଡ, ୨୦୨୨ ମସିହାରେ ଇଣ୍ଡିଆ ପ୍ରାଇମ୍ ଆୱାର୍ଡ ପାଇ ଚର୍ଚ୍ଚାରେ ଥିଲେ। ଦିଲ୍ଲୀପ ଜଣେ ଭଲ ଚିତ୍ରଶିଳ୍ପୀ। ଦିଲ୍ଲୀପଙ୍କ ଏହି କାର୍ଯ୍ୟ ପ୍ରଶଂସନୀୟ ଏବଂ ସମ୍ମାନାସ୍ପଦ ଅଟେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୫, ମଇ ୩୦

# ଭାରତର ବୈଦ୍ୟୁତିକ ଯାନ ଅଭିଯାନ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ବିଶ୍ୱ ତାପମାତ୍ରା ବୃଦ୍ଧି, ଜଳବାୟୁରେ ଦ୍ରୁତ ପରିବର୍ତ୍ତନ ଏବଂ ବାୟୁ ପ୍ରଦୂଷଣ ଏବେ ମାନବ ସମାଜ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ବୈଦ୍ୟୁତିକ ଯାନବାହାନ (ଇଭି)ର ଚଳାଚଳ ପାଇଁ ବହୁବିଧ ସରକାରୀ ପ୍ରୋତ୍ସାହନ ନୂଆ ଆଶା ସଂଚାର କରିଛି। ଏହା କେବଳ ବାୟୁ ପ୍ରଦୁଷଣର ମାତ୍ରାକୁ ହ୍ରାସ କରିବ ନାହିଁ, ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତନ ଉପରେ ଅଙ୍କୁଶ ଲଗାଇବା ଆଶା କରାଯାଏ। ବୈଦ୍ୟୁତିକ ଯାନବାହାନର ବ୍ୟାଟେରୀ ଉତ୍ପାଦନ ପାଇଁ ୩୫ଟି ମୁଖ୍ୟ କଂଚାମାଲ ଏବଂ ମୋବାଇଲ ବ୍ୟାଟେରୀ ନିର୍ମାଣରେ ବ୍ୟବହୃତ ୨୮ଟି ସାମଗ୍ରୀ ଉପରୁ ଆମଦାନୀ ଶୁଳ୍କ ଛାଡ ପାଇଁ ଭାରତ ସରକାରଙ୍କ ନିଷ୍ପତି ନିଶ୍ଚିତ ଭାବରେ ଘରୋଇ ଉତ୍ପାଦନ, ବୈଷୟିକ ଜ୍ଞାନର ଉପଯୋଗ, ପ୍ରଦୁଷଣ ଏବଂ ଜଳବାୟୁ ପରିବର୍ତନକୁ ନିୟନ୍ତ୍ରଣ ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ୨୦୨୫-୨୬ ଆର୍ଥୀକ ବର୍ଷର କେନ୍ଦ୍ରୀୟ ବଜେଟ ପାର୍ଲିଆମେଂଟରେ ଉପସ୍ଥାପିତ କରିବା ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଇଭି ବ୍ୟାଟେରୀ ଉତ୍ପାଦନ ବୃଦ୍ଧି ନେଇ ପ୍ରସ୍ତାବ ଦେଇଥିଲେ। ଯାହାକି ପାର୍ଲିଆମେଂଟରେ ଗୃହିତ ୨୦୨୫ ଅର୍ଥ ବିଲରେ ଅନୁମୋଦିତ ହୋଇଛି। ଭାରତ ଏବେ ତାର ଷ୍ଟ୍ରାଟେଜିକ ନୀତିରେ ପରିବର୍ତନ କରିଥିବା ଏହା ସ୍ପଷ୍ଟ ସଂକେତ ପ୍ରଦାନ କରେ। ଇତିମଧ୍ୟରେ ମାତ୍ର ୫ମିନିଟରେ ୫୦୦କିମି ଚଳାଚଳ କ୍ଷମତା ସମ୍ପନ୍ନ ବ୍ୟାଟେରୀ ରିଚାର୍ଜ ଦକ୍ଷତା ବା ବୈଷୟିକ କୌଶଳ ଚୀନର ଇଭି ଉତ୍ପାଦନକାରୀ କମ୍ପାନୀ ବିୱାଇଡି ଶୁଭାରମ୍ଭ କରିଛି। କହିବା ବାହୁଲ୍ୟ ଯେ, ବୈଦ୍ୟୁତିକ ଯାନବାହାନର ବ୍ୟାଟେରୀ ଏହାର ସବୁଠୁ ମୁଖ୍ୟାଂଶ ଭାବେ ପରିଚିତ। ଇଭିର ମୋଟ ମୂଲ୍ୟର ୪୦ ପ୍ରତିଶତ ହେଉଛି ବ୍ୟାଟେରୀ। ଉଲ୍ଲେଖଯୋଗ୍ୟ ଯେ, ବୈଦ୍ୟୁତିକି ଯାନର ଗ୍ରହଣୀୟତା ଏବଂ ଏହାର ବହୁଳ ବ୍ୟବହାର କେବଳ ବ୍ୟାଟେରୀ ଉପରେ ହିଁ ନିର୍ଭର କରେ। ଏହା ନିସନ୍ଦେହ ଯେ, ବ୍ୟାଟେରୀରେ ଅତ୍ୟଧିକ ମୂଲ୍ୟ ହିଁ ଜନସାଧାରଣ ବିମୁଖତାର ମୁଖ୍ୟ କାରଣ। ସ୍ୱଳ୍ପ ଆୟକାରୀ ବର୍ଗ ବ୍ୟାଟେରୀରେ ଅତ୍ୟଧିକ ମୂଲ୍ୟ ଯୋଗୁଁ ଇଭି ପ୍ରତି ମୁହଁ ଫେରାଇବାର ମୁଖ୍ୟକାରଣ । ଗୋଟିଏ ବ୍ୟାଟେରୀରେ ଗ୍ୟାରେଂଟି ସମୟ ପାଂଚ ବର୍ଷ ଥିବାବେଳେ ଆଉ ଗୋଟିଏ ବ୍ୟାଟେରୀ ପାଇଁ ଏକକାଳୀନ ହଜାର ହଜାର ଟଙ୍କା ବ୍ୟୟ କରିବାକୁ ହୋଇଥାଏ। ଅନ୍ୟପକ୍ଷରେ ପେଟ୍ରୋଲ, ଡିଜେଲ, ସିଏନଜି ଯାନ ବାହାନରେ ଅଧିକ ବ୍ୟୟଭାର ପଡୁଥିବା ସତ୍ୱେ ତାହା ଜଣାପଡେ ନାହିଁ। ଇଣ୍ଡିଜେନିୟସ ଟେକ୍ନୋଲୋଜିକାଲ ସାମର୍ଥ୍ୟ ଅଭାବ ବ୍ୟାଟେରୀ ଉତ୍ପାଦନ ଭାରତ ମୁଖ୍ୟ ପ୍ରତିବନ୍ଧଙ୍କର କାରଣ। ବୈଦ୍ୟୁତିକ ଯାନବାହାନ ଏବଂ ବ୍ୟାଟେରୀ ଉତ୍ପାଦନ କ୍ଷେତ୍ରରେ ଚୀନ ସମଗ୍ର ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିଥିବା ଆନ୍ତର୍ଜାତିକ ଶକ୍ତି ସଂସ୍ଥା ପକ୍ଷରୁ କୁହାଯାଇଛି। କେବଳ ଚୀନରେ ୭୦ପ୍ରତିଶତ ବ୍ୟାଟେରୀ ଉତ୍ପାଦିତ ହେଉଥିବାବେଳେ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡିକରେ ମାତ୍ର ୩୦ପ୍ରତିଶତ ବ୍ୟାଟେରୀ ଉତ୍ପାଦିତ ହେଉଥିବା କୁହାଯାଏ। ସ୍ୱଳ୍ପ ମୂଲ୍ୟ ଯୋଗୁଁ ଗତ ପାଂଚ ବର୍ଷ ହେଲା ଲିଥିୟମ୍-ଆଇରନ-ଫସଫେଟ୍ (ଏଲଏଫଏଫ) ବ୍ୟାଟେରୀ ସମଗ୍ର ବିଶ୍ୱରେ ଏବେ ଷ୍ଟାଣ୍ଡାଡ୍ ବ୍ୟାଟେରୀ ଭାବେ ଆଦୃତ ହୋଇଥିବା ଜଣାଯାଏ। ଅନ୍ୟପକ୍ଷରେ ଚାରିଚକିଆ ଇଭି କାର ୨୦୨୪ରେ ପଞ୍ଜୀକରଣ ଚୀନରେ ୪୫ପ୍ରତିଶତ ହୋଇଥିବା ଭାରତରେ ମାତ୍ର ୨ପ୍ରତିଶତ ହୋଇଥିଲା। କିନ୍ତୁ ଗତବର୍ଷ ଭାରତରେ ୧.୧୪ ମିଲିଅନ ଦୁଇ ଚକିଆ ଇଭି ଯାନ ବିକ୍ରୀ ହୋଇଥିଲା। ଯାହାକି ମୋଟ ଇଭି ଯାନ ବିକ୍ରୀର ୬୦ପ୍ରତିଶତ। ଭାରତର ଇଭି କଂଚାମାଲ ଆମଦାନୀ ଉପରୁ ଶୁଳ୍କ ଛାଡ ଏହାର ବ୍ୟାଟେରୀ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟ ଲକ୍ଷ୍ୟ ଥିବା ସତ୍ୱେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିଶୋଧ ପରାୟଣ ଶୁଳ୍କକୁ ଏଡାଇବା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢିଭୂତ ଉଦ୍ଦିଷ୍ଟ ବୋଲି କୁହାଯାଇପାରେ। କିନ୍ତୁ ଏହା ନିସନ୍ଦେହ ଯେ, ଭାରତରେ ଇଭି ଏବଂ ମୋବାଇଲ ବ୍ୟାଟେରୀ ଉତ୍ପାଦନ ଇଭି ପ୍ରତି ଜନସାଧାରଣଙ୍କ କେବଳ ଚାହିଦା ବଢାଇବ ନାହିଁ, ଚୀନ ସହିତ ପ୍ରତିଯୋଗିତା କରାଇବାରେ ସହାୟକ ହୋଇପାରିବ ବୋଲି କୁହାଯାଇପାରେ।

*ସମ୍ମାନ ଭବନ,*
*ଫ୍ଲାଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ମାନେକଶା.... ଭାରତର ପ୍ରଥମ ଫିଲଡ୍ ମାର୍ସଲ


ଡକ୍ଟର ତପନ କୁମାର ପାଳ

ଅଦ୍ୟାବଧି ମାତ୍ର ଦୁଇ ଜଣ ଭାରତୀୟ ସେନା ବିଭାଗୀୟ ଉଚ୍ଚ ପଦାଧିକାରୀ ଫିଲଡ୍ ମାର୍ସଲ ପଦବୀକୁ ଉନ୍ନୀତ ହୋଇଥିବା ଜଣାଯାଏ । ସେମାନେ ହେଉଛନ୍ତି ସାମ ହୋମୁସଜୀ ଫ୍ରେମଜୀ ଜାମଶେଦଜୀ ମାନେକଶା ଓ କୋଡ଼ଣ୍ଡେରା ମଡ଼ପ୍ପା କରିଅପ୍ପା । ମାନେକଶା ଭାରତର ପ୍ରଥମ ଫିଲଡ୍ ମାର୍ସଲ । କରିଅପ୍ପା ବୟୋଜ୍ୟେଷ୍ଠ ହୋଇଥିଲେ ହେଁ ଅବସର ଗ୍ରହଣର ପ୍ରାୟ ତିରିଶ ବର୍ଷ ପରେ (୧୯୮୬)ରେ ଫିଲଡ୍ ମାର୍ସଲ ଉପାଧି ପାଇଥିଲେ । ଫିଲଡ୍ ମାର୍ସଲ ମାନେକଶା ସାମ ବାହାଦୁର ଭାବେ ମଧ୍ୟ ଜଣାଶୁଣା । ନିଜର ଚାରି ଦଶନ୍ଧିର ସୈନିକ ଜୀବନରେ ଫିଲଡ୍ ମାର୍ସଲ ମାନେକଶା ପାଞ୍ଚଟି ଯୁଦ୍ଧ ଲଢ଼ି ଥିଲେ । ବ୍ରିଟିଶ ଇଣ୍ଡିଆନ୍ ଆର୍ମି ପକ୍ଷରୁ ସେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଲଢ଼ିଥିଲେ । ୧୯୬୯ରେ ସେ ଭାରତର ଅଷ୍ଟମ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଭାବେ ନିଯୁକ୍ତି ପାଇଥିଲେ ଏବଂ ତାଙ୍କ ନେତୃତ୍ୱରେ ୧୯୭୧ରେ ଭାରତ, ପାକିସ୍ତାନ ଉପରେ ବିଜୟ ହାସଲ କରିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବର୍ମାରେ ଜାପାନୀ ସେନା ସହ ଲଢୁଥିବା ବେଳେ ତାଙ୍କ ପେଟରେ ମେସିନ୍ ଗନ୍‌ର ଗୁଳି ବାଜିଥିଲା ଏବଂ ସେ ଗୁରୁତର ଭାବେ ଆହତ ହୋଇଥିଲେ । ବ୍ରିଟିସ ସେନା ପକ୍ଷରୁ ଯୁଦ୍ଧ ପରିଚାଳନା କରୁଥିଲେ ମେଜର୍ ଜେନେରାଲ ଡିଟି କୋୱାନ୍ । ମାନେକଶାଙ୍କ ଅବସ୍ଥା ଓ ତାଙ୍କ ଦମ୍ଭ ଦେଖି ସେ ସଙ୍ଗେ ସଙ୍ଗେ ରଣାଙ୍ଗନରେ ହିଁ ତାଙ୍କୁ ମିଲିଟାରୀ କ୍ରସ ପ୍ରଦାନ କରି କହିଥିଲେ ମୃତ ସୈନିକକୁ ଏହା ଦିଆଯାଏ ନାହିଁ । ନିଅ, ଜୀବନ ଥାଉ ଥାଉ ଗ୍ରହଣ କର । ହେଲେ ସେ ବର୍ତ୍ତି ଯାଇଥିଲେ । ତାଙ୍କ ବ୍ୟକ୍ତିଗତ ପରିଚାରକ ଶେର ସିଂହ ଗୋଳା ବର୍ଷକୁ ଖାତିର ନକରି, ତାଙ୍କୁ ରେଙ୍ଗୁନସ୍ଥିତ ସେନା ହସ୍‌ପିଟାଲରେ ପହଞ୍ଚାଇଥିଲେ । ସେଠାରେ ଡାକ୍ତରମାନେ ମାନେକଶାଙ୍କ ପେଟ, ଫୁସ୍‌ଫୁସ୍, ବୃକକ୍ ଆଦିରୁ ସାତଟି ଗୁଳି ବାହାର କରିଥିଲେ । ଅସ୍ତ୍ରୋପଚାର ବେଳେ କ'ଣ ହୋଇଛି ପଚାରିବାରୁ ସେ କହିଥିଲେ ଗଧଟିଏ ନାତ ମାରିଦେଇଛି । ଫିଲଡ୍ ମାର୍ସଲ ମାନେକଶା ଥିଲେ ଗୁଜୁରାଟ ଅନ୍ତର୍ଗତ ବଲ ସହରର ମୂଳ ବାସିନ୍ଦା । ତାଙ୍କ ପିତା ଥିଲେ ଜଣେ ପାରସୀ ଡାକ୍ତର । ସେ ପଞ୍ଜାବର ଅମୃତସରରେ କାମ କରୁଥିଲେ । ଫିଲଡ୍ ମାର୍ସଲ ମାନେକଶା ପ୍ରଥମେ ପିତାଙ୍କ ପରି ଡାକ୍ତର ହେବାକୁ ଚାହୁଁଥିଲେ । ହେଲେ ଲଣ୍ଡନରେ ଡାକ୍ତରୀ ପଢ଼ିବା ପାଇଁ ପିତା ଅନୁମତି ନ ଦେବାରୁ କାହାକୁ କିଛି ନକହି ଦେହରାଦୂନର ଇଣ୍ଡିଆନ୍ ମିଲିଟାରୀ ଏକାଡ଼େମୀରେ ଭର୍ତ୍ତି ହୋଇଥିଲେ । ଭାରତୀୟ ସେନାର ଅପୂର୍ବ ବୀରତ୍ୱ ଗାଥାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମାନେକଶା । ତାଙ୍କ ଜୀବନ କାଳ ଭିତରେ ପ୍ରତିକୂଳତା ସହ ଲଢ଼େଇ କରି ଭାରତ ବିଜୟର ଜୟଯାତ୍ରାକୁ ସେ ଯେଉଁ ସ୍ଥାନକୁ ନେଇଛନ୍ତି ତାହା ବର୍ତ୍ତମାନର ସମୟରେ ଚିନ୍ତାର ବାହାରେ। ସୀମାନ୍ତ କ୍ଷେତ୍ର ଠାରୁ ହିମ ବରଫ କ୍ଷେତ୍ର ବା ମରୁ ଅଞ୍ଚଳ ସବୁଠାରେ ସେନାବାହିନୀର ପରାକ୍ରମର ଯେଉଁ କାହାଣୀ ଗାଥା ଜଡ଼ିତ ସେ ସବୁ ପଛରେ ସ୍ମରଣୀୟ ସ୍ମୃତି କିନ୍ତୁ ସମସ୍ତଙ୍କର ରହିଛି ପ୍ରାତଃ ବନ୍ଦନୀୟ ମାନେକଶାଙ୍କ ପାଖରେ। ଆମ ଭାରତର ସେନାବାହିନୀର ବିଭିନ୍ନ କମାଣ୍ଡ କ୍ଷେତ୍ରର ଯୁଦ୍ଧ ସ୍ମାରକୀ, ଜାତୀୟ ସଂଗ୍ରାହାଳୟ ଓ ପ୍ରତିରକ୍ଷା ସଂଗ୍ରହାଳୟରେ ମାନେକଶାଙ୍କ ସ୍ମୃତି ଓ ତାଙ୍କ ବ୍ୟବହୃତ ସେନା ସରଞ୍ଜାମ ପ୍ରଦର୍ଶିତ ହେଉଛି। ଭାରତୀୟ ସେନାବାହିନୀ ପକ୍ଷରୁ ତାଙ୍କ ବୀରତ୍ୱ ଗାଥାକୁ ନେଇ ପ୍ରାମାଣିକ ଚିତ୍ର ବି ପ୍ରସ୍ତୁତ ହୋଇଛି। ୧୯୧୪ ଏପ୍ରିଲ ୩ ତାରିଖ ଦିନରେ ଅମୃତସରରେ ସେ ଜନ୍ମ ହୋଇଥିଲେ ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*
*ଦୂରଭାଷ : ୯୯୩୭୬୫୮୩୬୨*

# ପିଲାଙ୍କ ପାଠପଢ଼ାରେ ମା' ବାପାଙ୍କ ଭୂମିକା


ଡକ୍ଟର ସୁରେଶ କୁମାର ନାୟକ

ଆଜିକାଲି ପ୍ରତ୍ୟେକ ଅଭିଭାବକ ସେମାନଙ୍କ ସନ୍ତାନଙ୍କ ଭବିଷ୍ୟତ ନେଇ ଚିନ୍ତିତ । ତେଣୁ ସ୍କୁଲରେ ପିଲାର ପାଠପଢ଼ା ଆରମ୍ଭ ନ ହେଉଣୁ ତାକୁ ଘରୋଇ ଟିଉସନ୍ ପଠାଇବା ସହିତ, କଅଁଳ ବୟସରୁ ସେମାନଙ୍କ ଉପରେ ପାଠପଢ଼ିବା ପାଇଁ ଚାପ ପ୍ରୟୋଗ କରିଥାନ୍ତି । ଯାହାଫଳରେ ସେମାନେ ପାଠ ପ୍ରତି ବିତସ୍ପୃହ ହୋଇ ପଡ଼ନ୍ତି । ତେଣୁ ପାଠକୁ ନେଇ ସେମାନଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରିବା ଉଚିତ ନୁହେଁ । ସେମାନଙ୍କ ଉପରେ ବିରକ୍ତ ହେବା ଠିକ୍ ନୁହେଁ । ମାନସିକ ଚାପ ମଧ୍ୟରେ ମଣିଷ କୌଣସି କାମକୁ ସୂଚାରୁ ରୂପେ ପରିଚାଳନା କରିପାରେ ନାହିଁ । ପିଲାମାନେ କିପରି ଚାପ ମଧ୍ୟରେ ପାଠ ପଢ଼ି ପାରିବେ । ଯଦି ପ୍ରଥମରୁ ସେମାନଙ୍କ ପାଠ ପ୍ରତି ଦୃଷ୍ଟି ଦିଆଯାଏ ଓ କେତେକ ଦଗ ପ୍ରତି ଯତ୍ନ ଦିଆଯାଏ ତେବେ ସେମାନଙ୍କୁ ସବୁ ସମୟରେ ବହି ପାଖରେ ବସିବାକୁ ହୁଏ ନାହିଁ ।

ପିଲା ସ୍କୁଲରରେ ପ୍ରତ୍ୟହ କ'ଣ ପଢ଼ିଛି ସଂଧ୍ୟାରେ ଅଭିଭାବକ ତାର ନିକଟରେ ବସି ତାଠୁଁ ବୁଝିବା ଦରକାର । ସଂଧ୍ୟାରେ ଦେଢ଼ରୁ ଦୁଇ ଘଣ୍ଟା ପିଲାକୁ ପଢ଼ିବାକୁ ବସାଇବା ଦରକାର । ପ୍ରତ୍ୟେହ ଯାହା ସ୍କୁଲରେ ପଢ଼ା ହୋଇଛି ଘରେ ତାହାର ପୁନଃ ଆଲୋଚନା ବା ଅଧ୍ୟୟନ ପରେ ସେ ଏହାକୁ ସହଜରେ ମନେରଖି ପାରିବ । ଯଦି ସ୍କୁଲରେ କୌଣସି ସନ୍ଦେହ ଥିବ ଘରେ ତାହା ଦୂର ହୋଇପାରିବ । ଯଦି ଅଭିଭାବକ ପଢ଼ାଇ ପାରନ୍ତି ନାହିଁ ତାହାକୁ ପୁନଃ ସ୍କୁଲ ଶିକ୍ଷକଙ୍କୁ ପଚାରିବାକୁ ବୁଝାଇବା ଉଚିତ । କୌଣସି ବିଷୟକୁ ଘୋଷିବା ଅପେକ୍ଷା ଏହାକୁ ପିଲା ବୁଝିପାରିଲେ ତାହା ତାର ମସ୍ତିଷ୍କରେ ଘର କରି ରହିଯାଏ । ପରୀକ୍ଷାକୁ ଶିଶୁର ବୌଦ୍ଧିକ ବିକାଶର ମାନଦଣ୍ଡ ବୋଲି ଭାବିବା ଅନୁଚିତ ଏବଂ ଏଥିପାଇଁ ତାର ଉପରେ ଚାପ ପ୍ରୟୋଗ କରିବା ଅନୁଚିତ । ଏହାଦ୍ୱାରା ସେ ଆପଣଙ୍କ ଆଶାପୂରଣ କରିବାକୁ ଯାଇ ବହୁ କ୍ଷତିଗ୍ରସ୍ତ ହେବ । ପିଲା ଗୋଟିଏ ବିଷୟ ପଢ଼ି ସଂଗେ ସଂଗେ ତାର ଉତ୍ତର ଦେଇଥାଏ । କିନ୍ତୁ କିଛି ଦିନ ପରେ ସେ ସବୁ ପାଶୋରି ଯାଇଥାଏ । ତେଣୁ ଯେଉଁ ପାଠ ଆଜି ପଢ଼ିବ ତାର କିଛିଦିନ ପରେ ତା ଉପରେ ପ୍ରଶ୍ନ କରିପାରନ୍ତି । ଏପରି ହେବା ଦ୍ୱାରା ସେହି ବିଷୟ ପୁଣି ତା ମନକୁ ଆସେ ଓ ସେ ସମ୍ପୂର୍ଣ୍ଣ ଭାବେ ମନେ ରଖିପାରେ । ପରୀକ୍ଷା ପ୍ରସ୍ତୁତି ସମୟରେ ସବୁଦିନ ପିଲାମାନଙ୍କ ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଦରକାର । ପ୍ରତିଦିନ ପାଇଁ ରୁଟିନ ପ୍ରସ୍ତୁତ କରିବା ଦରକାର । ପିଲା ଏହାକୁ କେତେ ଦୂର ପୂରଣ କରୁଛି ତାହା ଉପରେ ମଧ ଲକ୍ଷ୍ୟ ରଖିବା ଦରକାର ।ଅନେକ ପିଲା ଦଳଗତ ଭାବେ ପଢ଼ିବାକୁ ପସନ୍ଦ କରିଥାନ୍ତି । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ସେହି ବିଷୟକୁ ନେଇ ଆଲୋଚନା ହୁଏ । ଯାହା ସେମାନଙ୍କୁ ବୁଝିବାକୁ ସହଜ ହୁଏ ।

ତେବେ ଦଳଗତ ପଢ଼ିବା ସମୟରେ ଅଭିଭାବକଙ୍କୁ ଦେଖିବା ଦରକାର ସେମାନଙ୍କ ପିଲାର ପାଠସାଥୀର ଜ୍ଞାନ କେତେ । ଯଦି ସେ ମେଧାବୀ ହୋଇନଥିବ ତେବେ ଆପଣଙ୍କ ପିଲାର ସ୍ତର କମିଯାଇପାରେ । ପଢ଼ିବା ସମୟରେ ପିଲା ଯେପରି ଗପସପ ନକରେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ଦରକାର । ପାଠପଢ଼ା ବ୍ୟତୀତ ପିଲାର ଅନ୍ୟାନ୍ୟ ଦିଗରେ ବୌଦ୍ଧିକ ବିକାଶ ହେବା ଦରକାର । ତେଣୁ ଏଥିପାଇଁ ପ୍ରତିଦିନ କିଛି ସମୟ ଖେଳକୁଦ ପାଇଁ ସୁଯୋଗ ଦେବା ଦରକାର । ଫଳରେ ସେ ଅନୁଭବ କରିବ । କିଛି ସମୟ ଟିଭି ଦେଖିବାକୁ ଦେବା ଦରକାର । ତେବେ ସେହି କାର୍ଯ୍ୟକ୍ରମ ଶିଶୁ ସମ୍ବନ୍ଧିତ ହୋଇଥିବା ଦରକାର ବା ସେଥିରୁ କିଛି ଭଲ ଶିକ୍ଷା ମିଳିପାରୁଥିବା ଦରକାର । ଟିଭିରେ ବିଭିନ୍ନ ଧାର୍ମିକ ଧାରାବାହିକ ଦେଉଛି । ଏହାକୁ ପିଲା ଦେଖିଲେ ଭଲ କଥା ଶିଖିବା ସହ ନିଜ ସଂସ୍କୃତି ବିଷୟରେ ଜାଣିବାକୁ ପାଇବ । ପିଲାଟିକୁ ଶାରୀରିକ, ମାନସିକ ଓ ବୌଦ୍ଧିକ କ୍ଷେତ୍ରରେ ଆପଣ ତାର ମାର୍ଗ ଦର୍ଶକ ଓ ପ୍ରେରଣାଦାତା ହେବା ସହିତ ଜଣେ ଭଲ ବନ୍ଧୁ ହୁଅନ୍ତୁ। ପିଲାମାନଙ୍କ ସହିତ ଖୋଲା ହୃଦୟର କଥା ହୋଇ ସେମାନଙ୍କୁ ସମାଜର ଉତ୍ତମ ରାସ୍ତାରେ ଚାଲିବା ପାଇଁ ପଥ ପ୍ରଦର୍ଶନ ଏକ ଜୀବନ ସଂସ୍କାର କହିଲେ ଅତ୍ୟୁକ୍ତି ହେବନାହିଁ।

ଏହି ମର୍ମରେ ମନେପଡୁଛି କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ ସେହି ସ୍ମରଣୀୟ ଧାଡ଼ି – 'ଶିଶୁ ବୋଲି ଦୁଇ ଅକ୍ଷର, ଅଟେ ସଂସାରେ ସାର। ପିତାମାତାଙ୍କର ଗଳାରେ, ସେହି କୁସୁମ ହାର। ଶିଶୁଟି ଆହା କି ସୁନ୍ଦର, ମଣି ରଙ୍କ ରତନ, ଅଞ୍ଚଳରେ ବାନ୍ଧି ରଖିବ, କରି ଅତି ଯତନ। ପାଟ, ମଠା, ସୁନା ଗହଣା ଆଦି କି ଅବା ଛାର। ଶିଶୁଟିଏ ନାହିଁ ଯା କୋଳେ ତାର ଘର ଅନ୍ଧାର। ସମ୍ପି ଦେଇଛନ୍ତି ଠାକୁରେ ଯାହା ହାତେ ସେ ଧନ, ପାପ ହେବ, ତାକୁ ସେ ଯେବେ ନ କରଇ ଯତନ। ଆପେ ହୋଇଥିଲେ ତୁମେ ଗୋ ଦିନେ ଶେଯ ପିଲାଟି, ହାତ ଗୋଡ଼ ଚଳୁ ନଥିଲା ଫିଟୁ ନଥିଲା ପାଟି। ସେ କାଳେ ତୁମ୍ଭର ଜନନୀ ସ୍ନେହେ ଥିବାରୁ ପାଳି, ଆଜି ସିନା ଜୀଇଁ ରହିଛି, ସୁଖେ ବୁଲୁଛ ଖେଳି। ସେ କଥାକୁ ମନେ ହେଜି ଗୋ ଶିଶୁ ପାଳନ କର। ପାଳିବାର ବିଧିବିଧାନମାନ ହୃଦରେ ଧର।'

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,*
*ସେକ୍ଟର-୯, ସିଡିଏ, କଟକ*

# ବନ୍ଦୀ ଶୈଶବ ଓ ଅସହାୟ ବାର୍ଦ୍ଧକ୍ୟ


ଭାସ୍କର ବାରିକ୍

ସମୟ ପାଖାପାଖି ଅପରାହ୍ନ ପାଞ୍ଚଟା ତିରିଶ ହେବ । ଛୋଟ ଛୋଟ ପିଲା ଦୁଇଜଣ ରାସ୍ତା କଡ଼ରେ ଖୁସିରେ ଖେଳୁଛନ୍ତି । ହସୁଛନ୍ତି ମନଖୋଲା ହସ । ଫୁଙ୍ଗୁଳା ଦେହ, ପିନ୍ଧିଛନ୍ତି କେବଳ ଗୋଟିଏ ଗୋଟିଏ ଚିରାଫଟା ପ୍ୟାଣ୍ଟ୍ । ବୋଧହୁଏ ପାଖ ବସ୍ତିରେ ରୁହନ୍ତି । ପିଲାମାନଙ୍କର ଖେଳ କୌତୁକର ନିଆରା ମଜା କିଛି ଦୂରରେ ଠିଆ ହୋଇ ନିର୍ନିମେଷ ନୟନରେ ଦେଖୁଥାନ୍ତି ଜଣେ ଖୁବ୍ ବୟସ୍କ ବ୍ୟକ୍ତି । ବୋଧହୁଏ ମନେ ପକାଉଛନ୍ତି ନିଜର ଅତୀତର ସୁବର୍ଣ ପିଲାଦିନ ଅବା କିଛି ହଜିଲା ଅତୀତ । ପାଖ ପାନ ଦୋକାନରେ ଠିଆହୋଇ ମୁଁ ବି ଦେଖୁଥିଲି ପିଲା ଦୁଇଜଣଙ୍କର ଖେଳ ଓ ଲକ୍ଷ କରୁଥିଲି ମଉସାଙ୍କ ହାବଭାବକୁ ।କାହିଁକି କେଜାଣି ଇଛା ହେଲା ସେହି ମଉସାଙ୍କ ସହିତ କଥା ହେବା ପାଇଁ । ପାନ ଦୋକାନରୁ ବାହାରି ଆସି ଠିଆ ହେଲି ମଉସାଙ୍କ ପାଖରେ । କ'ଣ କଥା ହେବି ଭାବୁଛି , ମୋତେ ପାଖରେ ଦେଖି ହଠାତ୍ ମଉସାଙ୍କ ମୁହଁରୁ ଶୁଣିଲି,ଦେଖୁଛ ପୁଅ ପିଲାମାନେ କେତେ ଖୁସିରେ ଖେଳୁଛନ୍ତି । ଏମିତି ଖୁସି ଆଉଥରେ ଫେରି ଆସନ୍ତାନି ଜୀବନରେ । ଏ ପିଲା ଦୁଇଜଣଙ୍କର ଖେଳ ଦେଖି ମୋର ପିଲାଦିନର କଥା ଓ ନିଜର ନାତି ନାତୁଣୀଙ୍କ କଥା ମନେ ପଡିଗଲା । ସେଇଥିପାଇଁ ଟିକେ ଠିଆ ହେଇଥିଲି । ବୁଝିଲ ପୁଅ,ଆମ ପିଲାଦିନେ ଆମେ କେତେ ପ୍ରକାର ଖେଳ ଖେଳୁଥିଲୁ । ଆଜିକାଲିର ପିଲାଙ୍କ ପରି ଆମ ପିଲାଦିନ ନଥିଲା । ମୁକ୍ତ ବିହଙ୍ଗଟେ ପରି ଆମେ ଖୋଲା ଆକାଶରେ ଉଡି ବୁଲୁଥିଲୁ । କିନ୍ତୁ ଜୀବନର ଶେଷଭାଗରେ ଆଜି ଅନୁଭବ କରୁଛି ଆଜିର ସୁବିଧାବାଦୀ ସ୍ୱାର୍ଥପର ଦୁନିଆଁରେ ପିଲାମାନେ କେମିତି ଶୈଶବରୁ ଶିକୁଳିରେ ବନ୍ଧା ହେଇ ଯାଉଛନ୍ତି ।ଅଢେଇରୁ ତିନି ବର୍ଷ ହେଇଗଲେ, ଯାଉଛନ୍ତି ବିଦ୍ୟାଳୟକୁ କାନ୍ଧରେ ବ୍ୟାଗ୍ ଧରି । ପୁରା ଶଗଡ଼ ଗୁଳାରେ ଚାଲୁଛି ଜୀବନ । ବହିରେ ଯାହା ଲେଖା ଯାଇଛି ସେତିକି । ଶୁଆଟିଏ ଭଳି ଘୋଷି ଦିଅ, ପରୀକ୍ଷାରେ ପୁରା ଶହେରୁ ଶହେ ନମ୍ବର ଆଣ । ପିଲାମାନେ କେତେ ଖୁସି ସେକଥା ଛାଡ଼, ବାପାମାଆ ପୁରା କୃତ୍ୟ କୃତ୍ୟ ଖୁସିରେ । ଆମ ଛୁଆ ଅତ୍ୟନ୍ତ ମେଧାବୀ । ପାଖ ଘର ପିଲାଟି ଯଦି କମ୍ ନମ୍ବର ରଖିଲା, ତାହେଲେ ଆରମ୍ଭ ହେଲା ତା ଉପରେ ମାନସିକ ଅତ୍ୟାଚାର । ପୁରୁଣା କାଳିଆ ଶାଶୁ ଟିକେ ଟିକେ କଥାରେ ବହୁକୁ ଖୁଣ୍ଟା ଦେଲା ଭଳି କଥା । ତୁ କ'ଣ ବୁଝି ପାରୁନୁ। ଆଜିକାଲି ଯୁଗ ଯାହା ହେଲାଣି, ପାଠ ନପଢିଲେ ମଣିଷ ହେବୁ କେମିତି । ଅମୁକ ବାବୁଙ୍କ ପୁଅ କେମିତି ପଢୁଛି । ସେ ତ ତୋରି ଭଳିଆ ପିଲା । ସେ ଶ୍ରେଣୀରେ ପ୍ରଥମ ହେଉଛି ଆଉ ତୁ ? ଏମିତି କେତେ କ'ଣ । କେହି ବୁଝୁ ନାହାଁନ୍ତି ପିଲାଟିର ମାନସିକ ଅବସ୍ଥା ଓ ସ୍ଥିତି ବିଷୟରେ ।ଅପରିପକ୍ୱ ସରଳ ବୟସରେ ଅସମ୍ଭବ ଅସହ୍ୟ ଚାପ ।ପାଠପଢା ପାଇଁ ବିଦ୍ୟାଳୟ ପରେ ଟିୟୁସନ୍ ପରେ ଟିୟୁସନ୍ । ପୁଣି ନାଚ଼, ଗୀତ,ବାଜା ଇତ୍ୟାଦିରେ ପାରଙ୍ଗମ ହେବା ପାଇଁ ଧାଁ ଧପଡ । କେମିତି ଶ୍ରେଣୀରେ ପ୍ରଥମ ହେବେ, ଅଧିକରୁ ଅଧିକ ନମ୍ବର ରଖିବେ, ସେଥିପାଇଁ ବାପାମାଆଙ୍କର କେତେ ଚିନ୍ତା । ଆଜିକାଲି ପିଲାଙ୍କ ଭାଗ୍ୟରେ ଶୈଶବକୁ ମନଭରି ଉପଭୋଗ କରିବାର ସୁଯୋଗ ନାହିଁ ।ବ୍ରଏଲର କୁକୁଡା ଭଳି ବଢୁଛନ୍ତି । ବାହାରକୁ ଧୋବ ଫରଫର କିନ୍ତୁ ଭିତରେ ଫମ୍ପା । ନୈତିକତା ଓ ମୂଲ୍ୟବୋଧର ଅଭାବ ।ପିଲାର ଇଛା ଅନିଚ୍ଛା ପ୍ରତି କାହାର ନିଘା ନାହିଁ । ଜେଜେବାପା ଜେଜେ ମାଆର ସ୍ନେହ ମମତା ଓ କାହାଣୀ ପେଡିରୁ ଅଧିକାଂଶ ପିଲା ବଂଚିତ । ବୁଢୀ ଅସୁରୁଣୀ ଗପ,ରାଜା ରାଣୀ କାହାଣୀ , ବଉଳା ଗାଈ ଓ ବାଘର କାହାଣୀ ଭିତରେ ଥିବା ନୈତିକତା ,ଦାନବୀର ରାଜା ହରିଶ୍ଚନ୍ଦ୍ର ଓ ନଳ ରାଜାଙ୍କ ଦାନ ଓ ବଦାନ୍ୟତା,ବୀର ଅର୍ଜୁନ, କର୍ଣ୍ଣଙ୍କ ପରି ଯୋଦ୍ଧାଙ୍କର ବୀରତ୍ୱର ଗାଥା ଶୁଣିବାର ସୌଭାଗ୍ୟ ନାହିଁ ଆଜିର ପିଲାଙ୍କ ପାଖରେ ।ନିଜର ପ୍ରଥା ପରମ୍ପରା ସଂସ୍କୃତି ପର୍ବ ପର୍ବାଣୀ ବିଷୟରେ ପିଲା କିଛି ଜାଣୁନି । ପାଲା, ଦାସକାଠିଆ,ଚଢେଇ ଚଢେଆଣି ନାଚ଼, କଣ୍ଢେଇ ନାଚ଼ ପିଲା ପାଇଁ ସ୍ୱପ୍ନ । ନୈତିକତାର ଶିକ୍ଷା ନାହିଁ । ପିଲା ଭଲ ମଣିଷ ହେବ କେମିତି ?ସଜ ପିଜୁଳି, ଜାମୁକୋଳି, ବରକୋଳି, କାନକୋଳି,ତାଳସଜ ଇତ୍ୟାଦି ଆମ ପିଲାଦିନେ କେତେ ମଜାରେ ଆମେ ଖାଉଥିଲୁ କେତେ ସାଙ୍ଗ ମିଶି ନିଜ ବାଡିରୁ ତଥା ପଡିଶା ଘରର ବାଡିରୁ । ଏ ଖୁସି ଆଉ ନାହିଁ । ନଟୁ ଖେଳ,ବାଟି ଖେଳ,ଗଛ ବାଗୁଡି, କବାଡି,ଗୋଟି ଡାବୁଲ ଆହୁରି କେତେ କ'ଣ ଖେଳ ଖେଳି ସନ୍ଧ୍ୟାରେ ଘରକୁ ଫେରୁଥିଲୁ । କୁଆଡେ ଗଲା ସେ ଦିନ ସବୁ !!!

ଶୁଣୁଥିଲି ମଉସାଙ୍କ ହୃଦୟର କଥା ଓ ବୁଝୁଥିଲି ମନର କ୍ଷୋଭ । ସେ ଟିକେ ଅଟକିଲା ପରେ ପଚାରିଲି,ମଉସା ଆପଣ ଯେଉଁ ନାତି ନାତୁଣୀଙ୍କ କଥା ପ୍ରଥମେ କହୁଥିଲେ, ସେମାନ କ'ଣ ଏମିତି ସବୁ ପିଲାଙ୍କ ଭଳିଆ ବଢୁଛନ୍ତି ନା ଆମେ ଦେଖୁଥିବା ଓ ଶୈଶବକୁ ମନଭରି ଉପଭୋଗ କରୁଥିବା ଏହି ଛୋଟ ପିଲା ଦୁଇଟି ଭଳି ଖୁସିରେ ପାଠ ପଢିବା ସହିତ ଶୈଶବକୁ ଉପଭୋଗ କରୁଛନ୍ତି । ମୋ କଥାରେ ମଉସା ଜଣଙ୍କର ଆଖି ଓଦା ଓଦା ଦେଖାଗଲା । ଆଖିରୁ ମୋଟା ଚ଼ଷମା କାଢ଼ି ଲୁହ ପୋଛିଲେ । ଦୋଷୀ ଦୋଷୀ ଲାଗିଲା ମୋତେ କିନ୍ତୁ ମୁଁ ଜାଣି ପାରୁନଥିଲି କ'ଣ ଭୁଲ୍ କଲି । ହାତଯୋଡି କହିଲି, ମୋ ଅଜାଣତରେ ଯଦି ମୁଁ ଆପଣଙ୍କୁ ଦୁଃଖ ଦେଇଛି ମୋତେ କ୍ଷମା କରିବେ ମଉସା ।ପାକୁଆ ପାଟିରେ ସାମାନ୍ୟ ହସିଲେ ଓ ମୋ ମୁଣ୍ଡରେ ହାତ ରଖି ଆଶିର୍ବାଦ କରିବା ଭଙ୍ଗୀରେ କହିଲେ, ନାହିଁ ବାବା ତମେ କିଛି ଭୁଲ୍ କରିନ । ଜୀବନରେ ଭୁଲ୍ ମୁଁ କରିଛି ଅଧିକାଂଶ ଆଧୁନିକ ବାପାମାଆଙ୍କ ଭଳି । ଗୋଟିଏ ବୋଲି ପୁଅ ମୋର । ସରକାରୀ ଚ଼ାକିରୀ ଗୋଟେ କରିଥିଲି । ମୋ ପୁଅ କେମିତି ଭଲ ବିଦ୍ୟାଳୟରେ ପଢିବ ଓ ଆଗକୁ ଯିବ, ତା'ର ସମସ୍ତ ବ୍ୟବସ୍ଥା କରିଥିଲି । ପୁଅର ପାଠପଢ଼ା ପାଇଁ ବୁଢ଼ା ବୟସରେ ନିଜ ବାପାମାଆଙ୍କୁ ବି ଅବହେଳା କରିଛି । ବର୍ଷ ବର୍ଷ ଧରି ଗାଁ କୁ ଯାଇନି । ଯେଉଁ ପୁଅ ପାଇଁ ମୁଁ ସବୁକିଛି ଭୁଲି, ତାକୁ ମଣିଷ କଲି , ସେହି ପୁଅ ଏବେ ଆମେରିକାରେ । ନିଜ ଇଚ୍ଛାରେ ବାହା ହେଇଛି ଜଣେ ଆମେରିକୀୟ ଝିଅକୁ । ଏବେ ସେ ଦୁଇଟି ପିଲାର ବାପା । ସେ ଦେଶର ନାଗରିକତା ବି ପାଇ ସାରିଲାଣି । କେବେ କେମିତି ଭିଡିଓ କଲ୍ କରି ନାତି ନାତୁଣୀଙ୍କୁ ଦେଖାଏ । ଆଉ ଏଠାକୁ ଫେରିବାର ଆଶା ପ୍ରାୟ ନାହିଁ । ଜୀବନର ଅନ୍ତିମ ମୁହୂର୍ତ୍ତରେ ଆମେ ବୁଢ଼ା ବୁଢ଼ୀ ଦୁଇଜଣ । ସାହା ଭରଷା କେହି ନାହାଁନ୍ତି । କେବଳ ଈଶ୍ୱର ଭରଷା । ପୁଅ କହୁଛି ଭାରତ ଛାଡ଼ି ଆମେରିକା ଚ଼ାଲି ଯିବାକୁ । ଯେଉଁ ପୁଅକୁ ମଣିଷ କରିଥିଲି ଭାରତ ମାଆର ସେବା କରିବା ପାଇଁ,ସେ ମଣିଷ ହେବା ପରେ ଆମେରିକାର ସେବା କରୁଛି ଆଉ ମୋତେ କହୁଛି ମୋ ଦେଶ ଛାଡ଼ି ସେ ଦେଶକୁ ଚ଼ାଲିଯିବାକୁ । ଜନ୍ମ ନେଇଛି ଏ ପବିତ୍ର ଭାରତବର୍ଷରେ ,ମରିବି ବି ଏହି ପବିତ୍ର ମାଟିରେ । ମୁଁ କାହିଁକି ତା ପାଖକୁ ଯିବି ? ଯେତେଦିନ ଯାଏ ନିଜ କାମ ନିଜେ କରି ପାରୁଛୁ, ଠିକ୍ ଅଛି । ଯେବେ ଅନୁଭବ କରିବୁ,ଆଉ ନୁହଁ, ପୁଅ ପାଇଁ ତିଆରି କରିଥିବା କୋଠାଘରଟିକୁ ବିକ୍ରି କରିଦେଇ କେଉଁ ଗୋଟେ ଅନାଥାଶ୍ରମକୁ ଚ଼ାଲିଯିବୁ ଦୁଇଜଣ । ମଉସାଙ୍କ କଥା ଶୁଣି ହୃଦୟ ମୋର ଭାରି ଭାରି ଲାଗୁଥିଲା । ଭାବୁଥିଲି କେଉଁଠି ରହୁଛି ଭୁଲ୍ ଯେଉଁଥି ପାଇଁ ଉଭୟ ଶୈଶବ ଓ ବାର୍ଦ୍ଧକ୍ୟ ଏକ ପ୍ରକାର ଅସହାୟତାର ଶୀକାର ହେଉଛି ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୭୩୨୦୩୫୦*

# ପଥଭ୍ରଷ୍ଟ ମାନବ ପାଇଁ ପଦେ


ଅନୀତା ପଟ୍ଟନାୟକ

କଥାରେ ଅଛି, ନ ସୁଖ ଲଭ୍ୟତେ ସୁଖମ। ଏହାର ଅର୍ଥ ପ୍ରକୃତ ସୁଖ ଭୌତିକ ସୁଖ ମାଧମରେ ମିଳେନାହିଁ। କର୍ତ୍ତବ୍ୟ ଜ୍ଞାନରେ କରାଯାଉଥିବା କର୍ମ / କର୍ତ୍ତବ୍ୟ ଓ ଉତ୍ସର୍ଗଭାବ ଦ୍ୱାରା ଆବର୍ଜନା, ଶଂସୟ ଓ ମୋହରୁ ମୁକ୍ତି ମିଳିବା ସମ୍ଭବପର ହୋଇଥାଏ। ଶୁଦ୍ଧ ବୁଦ୍ଧି ଓ ନିର୍ମଳତା ସାହାଯ୍ୟରେ ବିଶ୍ୱର ଏକତ୍ୱ ସମ୍ଭବପର ହୋଇଥାଏ। ସର୍ବଂ ବିଷ୍ଣୁମୟଂ ଜଗତଂ, ଈଶାବାସ୍ୟ ଇଦମ ସର୍ବଂ ଏହି ଉକ୍ତିକୁ ଉପଲବ୍ଧି କରିହୁଏ। ବର୍ତ୍ତମାନ ସମୟରେ ଦୂରଦର୍ଶନରେ ଅନେକଥର ରାମାୟଣ ପ୍ରସାରିତ କରାଗଲାଣି, ହେଲେ ରାମାୟଣରେ ଦର୍ଶାଯାଇଥିବା ମନ୍ଥରାର କ୍ରୋଧ, ସୂର୍ପଣଖାର କାମଜାବ, ଲକ୍ଷ୍ମଣଙ୍କର ତ୍ୟାଗଭାବ, ରାମଙ୍କର ବୈରାଗ୍ୟ ଭାବ, ସୀତାଙ୍କର ଏକ ପତ୍ନୀ ବ୍ରତ, ଏସବୁକୁ କେହି ଅନୁଧ୍ୟାନ କରୁନାହିଁ। ଦୁଷ୍ଟ ପ୍ରଭାବରୁ ମନକୁ କିପରି ନିୟନ୍ତ୍ରଣ କରାଯିବ ତାହା ରାମାୟଣରେ ସୂଚନା ଦିଆଯାଇଥିଲେ ମଧ୍ୟ ତାହାକୁ କେହି ଅନୁସରଣ କରନ୍ତି ନାହିଁ।

ସେଥିପାଇଁ କିଛି କିଛି ପଇସା ସଞ୍ଚୟ କରି ମୋର ସ୍ୱାମୀ ଓ ମୁଁ, ମୋର ପୁଅଝିଅ ପୁରୀ ଅଭିମୁଖେ ବାହାରିଲୁ। ବସରେ ଯାଉଥିବା ସମୟରେ ଅନେକ ଯାତ୍ରୀଙ୍କ ସହ କଥୋପକଥନ ହେଲା ଆମ ପାଖରେ ବସିଥିବା ଜଣେ ଯାତ୍ରୀ ଆଉ ଜଣେ ଯାତ୍ରୀକୁ ବଡ଼ ପାଟିରେ କହୁଥାଏ ଏ ଲୋକ ଗୁଡ଼ିକେ ପାଗଳ ହୋଇଗଲେଣି। ମନ୍ଦିର ବେଢ଼ା ପରିକ୍ରମା ପାଇଁ ନିର୍ମାଣ କାର୍ଯ୍ୟ ଚାଲୁଛି ତେଣୁ ସିଂହଦ୍ୱାର ଛଡ଼ା ଅନ୍ୟ ଦ୍ୱାରରେ ଯିବା ନିଷିଦ୍ଧ କରାଯାଇଛି। ଲୋକେ ବର୍ତ୍ତମାନ ଘଣ୍ଟା ଘଣ୍ଟା ଧରି କଷ୍ଟ କରି ଠିଆ ହେଉଛନ୍ତି। ମନଭରି ଜଗନ୍ନାଥଙ୍କୁ ଦେଖିବାର ସୁଯୋଗ ପାଉନାହାଁନ୍ତି। ମୋର କଣ ନଥିଲା? ଧନ ସଂପତ୍ତି, ପ୍ରତିପତ୍ତି, ସ୍ତ୍ରୀ ସବୁକିଛି ଜଗନ୍ନାଥ ଛଡ଼ାଇ ନେଇଥିବାରୁ ଓ ମତେ ଦାଣ୍ଡର ଭିକାରୀ କରି ଦେଇଥିବାରୁ ମୁଁ ଆଜିକାଲି ଆଉ ଜଗା ଦର୍ଶନ କରୁନାହିଁ। ଏକଥା ମୋ ପୁଅ ମନକୁ ବଡ଼ ପାଇଲା। କହିଲା ବାପା ଏତେ କଷ୍ଟ କରିବା କାହିଁକି ? ଅନ୍ୟତ୍ର କେଉଁଆଡ଼େ ବୁଲି ଯାଇଥିଲେ ଭଲ ହୋଇଥାନ୍ତା। ଏତେ କଷ୍ଟ କରିବା ଅପେକ୍ଷା ସବୁକିଛି ହରାଇବା ଅପେକ୍ଷା ସମୁଦ୍ର କୂଳ ବୁଲି ହୋଟେଲରେ ଖାଇ, କୋଣାର୍କ, ଚନ୍ଦ୍ରଭାଗା ବୁଲି ଆସିଲେ ଭଲ ଲାଗିବ। ଝିଅ ରୂପା ମନକୁ ମଧ୍ୟ ଭାଇର କଥା ଭଲ ପାଇଲା। ସେ କହିଲା ବାପା ! ସମୁଦ୍ରକୂଳ ବୁଲି ସିଧା ଭୁବନେଶ୍ୱରକୁ ଫେରି ନନ୍ଦନକାନନକୁ ଯିବା। ଆଜି ମୋର ଅନେକ ସାଙ୍ଗ ସେଠାରେ ବଣଭୋଜି କରୁଛନ୍ତି। କିନ୍ତୁ ତୁମର ଏହି ଆଧାତ୍ମିକ ପର୍ଯ୍ୟଟନ ମତେ ଭଲ ଲାଗୁନାହିଁ। ମୁଁ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲି ଭକ୍ତି ଓ ସମର୍ପଣ ଭାବକୁ ଛାଡ଼ି ଛୋଟ ପିଲା ତାର ଖେଳନା ଖେଳିବାକୁ ଭଲ ପାଆନ୍ତି। ଖେଳନା ଭାଙ୍ଗିଗଲେ ସେମାନେ କାନ୍ଦନ୍ତି। ସେହିପରି କ୍ଷମତା ସୌଭାଗ୍ୟ, ପରିବାର ରୂପକ ଖେଳନାକୁ ପାଇ ମନୁଷ୍ୟ ଭଗବାନଙ୍କୁ ଭୁଲିଯାଏ ଓ ଏଗୁଡ଼ିକ ଚାଲିଗଲେ ସେ ନିଜର କ୍ଷମତା, ସୌଭାଗ୍ୟ ଓ ପରିବାରକୁ ଫେରି ପାଇବା ପାଇଁ ସେ କ୍ରନ୍ଦନ କରେ ଓ ମୋ ପ୍ରଭୁ ଜଗନ୍ନାଥଙ୍କୁ ନିନ୍ଦା କରେ। ତେଣୁ ମୁଁ ଜଗା ଦର୍ଶନ ବିନା ଅନ୍ୟ କେଉଁଆଡ଼େ ଯିବିନାହିଁ। ମୋର ସ୍ୱାମୀ କହିଲେ, ମନୁଷ୍ୟ ନିକଟରେ ଭାଷା, ବିବେକ, ଭକ୍ତିର ଅବର୍ଣ୍ଣନୀୟ ସନ୍ତୋଷ ଅଛି, କିନ୍ତୁ ସେ ଜୀବନକୁ କିପରି ବ୍ୟବହାର କରୁଛି ତାହାକୁ ଅନୁଧ୍ୟାନ କରୁନାହିଁ। ଅଗ୍ନିରେ ଦହନଶକ୍ତି ଥାଏ। ଜଳରେ ଆର୍ଦ୍ର କରିବାର ଶକ୍ତି ଥାଏ, ତେଣୁ କଷ୍ଟ କରି ପ୍ରଭୁଙ୍କର ଦର୍ଶନ କରିବାର ଶକ୍ତି ମନୁଷ୍ୟକୁ ଦିଆଯାଇଛି। ଏହାକୁ ତୁମେ ପିଲାମାନେ ଭୁଲିଯିବା ଉଚିତ ନୁହେଁ। ସାପ କାମୁଡ଼ାରେ କଷ୍ଟ ପାଉଥିବା ଲୋକକୁ ଲଙ୍କା ଚୋବାଇବାକୁ ଦିଆଯାଏ କାରଣ ବିଷର ପ୍ରକ୍ରିୟା ଚାଲିଥିବା ପର୍ଯ୍ୟନ୍ତ ଲଙ୍କାର ରାଗ ଲାଗେ ନାହିଁ। ସାଂସାରିକ ଇନ୍ଦ୍ରିୟ ବିଷ ଜୋର ଧରିଥିବା ପର୍ଯ୍ୟନ୍ତ ପୂଜା, ଜପ, ଧ୍ୟାନ ଶୁଷ୍କ ଲାଗେ ମଣିଷ ଖବରକାଗଜରେ ବାହାରିଥିବା ଗୁଜବ, ସହଯାତ୍ରୀଙ୍କର ଗୁଜବରେ ବିଶ୍ୱାସ କରେ। କିନ୍ତୁ ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ ଯେଉଁ ଶିକ୍ଷା ଦେଇଥିଲେ ଓ ବ୍ୟାସଦେବ ରଚନା କରିଥିବା କଥାକୁ ବିଶ୍ୱାସ କରିବାକୁ ନାରାଜ। ସମ୍ବାଦପତ୍ର ଇନ୍ଦ୍ରିୟ ମାନଙ୍କୁ ଖାଦ୍ୟ ଯୋଗାଇ ପାରୁଚି ଓ ଇନ୍ଦ୍ରିୟ ଭୋଗ, ବ୍ୟାକୁଳତାକୁ ତୁଷ୍ଟକରି ପାରୁଛି। କିନ୍ତୁ ଗୀତା ତ୍ୟାଗ ଓ ଶରଣାଗତି ଓ ଇନ୍ଦ୍ରିୟ ବାସନା ଊର୍ଦ୍ଧ୍ୱରେ ରହିବାକୁ ନିର୍ଦ୍ଦେଶ ଦେଉଥିବାରୁ ତାହା ଭଲ ଲାଗୁନାହିଁ। ଏହାକୁ ହିଁ ଅଜ୍ଞତା, ଦୁର୍ଭାଗ୍ୟଜନକ ଓ ପଥଭ୍ରଷ୍ଟ କୁହାଯାଏ। ରୂପା କହିଲା ମନ୍ଦିର ଭିତରେ ନଖାଇ ଏକ ବାତାନୁକୂଳ ହୋଟେଲରେ ଆମିଷ ଭୋଜନ କଲେ ଭଲ ହୋଇଥାନ୍ତା। ମୁଁ କହିଲି ରୋଗାକ୍ରାନ୍ତ ହୋଇଯିବା ପରେ ଆଉ ଦୁଃଖ କରି ଲାଭ କ'ଣ? ସ୍ୱାସ୍ଥ୍ୟକୁ ନଷ୍ଟ କରିବାର ପ୍ରଥମ ଭୁଲ ପଦକ୍ଷେପ ନେଲାବେଳେ ବରଂ ଦୁଃଖ କରିବା ଉଚିତ। ମିତାହାର ଓ ମାତ୍ରାହାର ଅଭ୍ୟାସ କରିପାରିଲେ ଜଣେ ଆଧ୍ୟାତ୍ମିକ ଜୀବନର ଭିତ୍ତି ସ୍ଥାପନା କରିପାରିବ। ମାଦକ ଦ୍ରବ୍ୟ ସେବନ କଲେ, ବେଗ, ଆବେଗ, ବୃତ୍ତି, ପ୍ରବୃତ୍ତି ମନୋଭାବ କଥାବାର୍ତ୍ତା, ଚାଲିଚଳନ ସବୁ ଅସଜାଡ଼ ହୋଇପଡ଼େ। ମନୁଷ୍ୟ ପଶୁ ସ୍ତରକୁ ଖସିଯାଏ। ମାଂସହାର ଦ୍ୱାରା ପଶୁ ପ୍ରବୃତ୍ତି ଓ ପଶୁମାନଙ୍କର ରୋଗ ଦେଖାଯାଏ। ରାଜସିକ ସେବନ ଦ୍ୱାରା ମନ ଅବାଧ୍ୟ ହୁଏ। ତାମସିକ ଖାଦ୍ୟ ଯାହା ରୁଚିକର ସେଥିରେ ମନ ଆଉ ପୁର୍ନଗଠିତ ହୋଇପାରିନଥାଏ। ଆମର କି ଭାଗ୍ୟ ପୁରୀରେ ପହଞ୍ଚିବା କ୍ଷଣି ଶୁଣିଲୁ ଚାରି ଦ୍ୱାର ଖୋଲି ଦିଆଯାଇଛି। ସରକାର ଶାନ୍ତି ଶୃଙ୍ଖଳା ରକ୍ଷା କରାଇଥିବାରୁ ସୁନ୍ଦର ଜଗା ଦର୍ଶନ କରି, ଆନନ୍ଦ ବଜାରରେ ପେଟ ଭରି ଖାଇ ଜଗାର ଗୁଣକୁ ଗାନ କରି କରି ଘରକୁ ଫେରିଲୁ। କି ବିସ୍ମୟକର ଦେବତା।

*ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ,*
*ମୋ: ୯୬୯୨୯୮୦୦୨୬*




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା







ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜୀବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମୃତ୍ ପଟ୍ଟଯୋଶୀ, ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ୱେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ୱେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୂର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

## ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା
# ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ ! ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି ! ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

## ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ
# ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମ୍ବା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଟ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ
# ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

# ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋଟିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଟାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତ୍ନପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ର ପୋଡି ପାଉଁଶ ହୋଇଯାଇଛି । ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ ! ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬ ୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା । ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି । ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

# ପୋଲିସ, ପ୍ରଶାସନ ଓ ପୌରନିର୍ବହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସତ୍କାର୍ଯ୍ୟ

କନ୍ଧମାଳ,(ପିଏନ)- କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମଶାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଚ୍ଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚ୍ଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରିପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚ୍ଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ



ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ । ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ



ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା



ପରେ ମା'ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ । ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଳି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା



ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ



ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ । ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା



ହଣ୍ଡିଭଙ୍ଗା ଯାତ । କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ । ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ । ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ ଜିୟୁ



ରାମନାଚ ସଂସଦ ପକ୍ଷରୁ ଲବକୁଶ ଜନ୍ମ ପରିବେଷଣ କରାଯିବ । ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ



ସଭା ଓ ରାତ୍ର ୯ଟାରେ ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଚ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦନ ବେହେରା, ଅନିଲ



ନାୟକ, ସଦାଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜୟହିନ୍ଦ ସଭାରେ ଦେଶର ସୈନ୍ୟ ବାହିନୀଙ୍କର ସୌର୍ଯ୍ୟ, ବିର୍ଯ୍ୟ ଓ ପରାକ୍ରମକୁ ରାଜ୍ୟ କଂଗ୍ରେସ ସମ୍ମାନ ଜଣାଇଲାଞ୍ଚି






ଭୁବନେଶ୍ୱର ,(ପି.ଏନ): ଗତ ଏପ୍ରେଲ ୨୨ ତାରିଖ ପହଲଗାମ ଅଞ୍ଚଳରେ ପାକିସ୍ଥାନ ଦ୍ୱାରା ପ୍ରେରିତ ଆତଙ୍କବାଦୀଙ୍କ ବନ୍ଧୁକ ମୁନରେ ଅକାଳ ଓ ଅକାରଣରେ ୨୭ ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଦେଶରେ ଆତଙ୍କବାଦୀଙ୍କୁ ପୃଷ୍ଟପୋଷକତା ଯୋଗାଉଥିବା ପାକିସ୍ଥାନ ବିରୁଦ୍ଧରେ ପ୍ରବଳ ଉତ୍ତ ?ଜନା ପ୍ରକାଶ ପାଇଥିଲା । ଫଳ ସ୍ୱରୂପ କଂଗ୍ରେସ ଦଳ ସମେତ ଭାରତବର୍ଷର ସମସ୍ତ ବିରୋଧି ଦଳ ସରକାରଙ୍କ ସହିତ ଏକଜୁଟ ହୋଇ ଆତଙ୍କବାଦ ବିରୁଦ୍ଧରେ ଏକ ପୂର୍ଣ୍ଣାଙ୍ଗ ଲ ? ?ଇ କରିବାପାଇଁ ସରକାରଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ଏହି ଆକ୍ରମଣ ପ୍ରତିଆକ୍ରମଣ ଯୁଦ୍ଧଭଳି ଏକ ପରିସ୍ଥିତି ସୃଷ୍ଟି ହୋଇଥିଲା । କେନ୍ଦ୍ର ସରକାର ଅପରେସନ ସିନ୍ଦୁର ଘୋଷଣା କରି ସୀମାବର୍ତ୍ତୀ ଅଞ୍ଚଳରେ ଆତଙ୍କବାଦୀମାନଙ୍କ ବିରୁଦ୍ଧରେ ଆକ୍ରମଣ କରିଥିଲେ । କିନ୍ତୁ ଆକ୍ରମଣ ପ୍ରତିଆକ୍ରମଣ ଭିତରେ ହଠାତକିନା ଦୁଇଦେଶ ମଧ୍ୟରେ ଯେଉଁ ଉତ୍ତ ?ଜନା ସୃଷ୍ଟି ହୋଇଥିଲା ତାହାକୁ ଆମେରିକାରେ ରାଷ୍ଟ୍ରପତି ଡ଼ୋନାଲ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ କେନ୍ଦ୍ର ସରକାର ଯୁଦ୍ଧ ବିରାମ ବା ସିଜ ଫାୟାର ଘୋଷଣା କରାଯାଇଥିଲା । ଏହି ଆକ୍ରମଣ ପ୍ରତିଆକ୍ରମଣ ଭିତରେ ଭାରତ ବର୍ଷର ତିନି ସୈନ୍ୟବାହିନୀର ଜବାନ, ଅଧିକାରୀ ମାନେ ଅଦମ୍ୟ ସୌର୍ଯ୍ୟ,ବିର୍ଯ୍ୟ ଓ ପରାକ୍ରମ ପ୍ରଦର୍ଶନ କରିଥିଲେ । ଆଜି ସୈନ୍ୟବାହିନୀଙ୍କର ଏହି ସୌର୍ଯ୍ୟ,ବିର୍ଯ୍ୟ ଓ ପରାକ୍ରମର ସମ୍ମାନରେ ଜୟହିନ୍ଦ ସଭା ମାଧ୍ୟମରେ ସାରା ଦେଶରେ ସ୍ମୃତି ଚ଼ାରଣ କରାଯାଇଛି । ଏହି ଅବସରରେ ରାଜ୍ୟ କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନ ସମ୍ମୁଖରେ ଏକ ବିଶାଳ ଜୟହିନ୍ଦ ସଭା ଆୟୋଜ କରାଯାଇଥିଲା । ଉକ୍ତ ସଭାରେ ପିସିସି ସଭାପତି ଶ୍ରୀ ଭକ୍ତ ଚ଼ରଣ ଦାସ, ବରିଷ୍ଠ ଲୋକସଭାର ସାଂସଦ ଶ୍ରୀ ଦିପେନ୍ଦର ସିଂ ହୁଡ୍ଡା, ଓଡିଶା ପ୍ରଭାରୀ ଅଜୟ ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚ଼ନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚ଼ନ୍ଦନ, ଶରତ ପଟ୍ଟନାୟକ, ପୂର୍ବତନ ସାଂସଦ ରାମଚ଼ନ୍ଦ୍ର ଖୁଂଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ବିଜୟଲକ୍ଷ୍ମୀ ସାହୁ, ଶିବାନନ୍ଦ ରାୟ, ଅମର ପ୍ରଧାନ, ନଗେନ୍ଦ୍ର ପଧାନ, ସୁରେଶ କୁମାର ରାଉତରାୟ, ରଞ୍ଜିବ ବିଶ୍ୱାଳ, ଅନନ୍ତ ପ୍ରସାଦ ସେଠୀ, ସନ୍ତୋଷ ସିଂ ସାଲୁଜା, ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଓଡିଶାର ୨୦ଜଣ ଅବସରପ୍ରାପ୍ତ ତିନି ସେନାର ଦିଲ୍ଲୀପ କୁମାର ମହାପାତ୍ର, କିଶୋର ଚ଼ନ୍ଦ୍ର ମହାପାତ୍ର, ଜଜାତିକେଶଣୀ କର, କୈଳାସ ଚ଼ନ୍ଦ୍ର ଧଳ, ବିଭୁଦେନ୍ଦୁ ଷଡଙ୍ଗୀ, ସାଏଦ ନୁର, ସୁଧିର ସାମଲ, କରୁଣାକର ନାଥ, ଅରୁଣ କୁମାର ପତି, ରମେଶ ଚ଼ନ୍ଦ୍ର ମିଶ୍ର, ପ୍ରମୋଦ କୁମାର ପତି, ଖିରୋଦ ଜେନା, ବିଶ୍ୱଭାନୁ କର, ଦେବେନ୍ଦ୍ର ମିଶ୍ର, ଧନେଶ୍ୱର ପଣ୍ଡା, ଦୀପକ କୁମାର ଜେନା, ଧର୍ମେନ୍ଦ୍ର ସାହୁ, ଶତୃଘ୍ନ ନାୟକ ପ୍ରମୁଖ ବୀର ଜବାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ଼୍ଛ ଦେଇ ସମ୍ମାନୀତ କରିଥିଲେ । ପୂର୍ବତନ ସୈନିକ ତଥା କଂଗ୍ରେସ ବିଧାୟକ ଦଳ ଉପନେତା ସି ଏସ ରାଜନ ଏକ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ତିନିଜଣ ବରିଷ୍ଠ ପୂର୍ବତନ ସେନାଅଧିକାରୀ ନିଜର ବକ୍ତବ୍ୟ ରଖି କହିଥିଲେ ଯେ ଭାରତବର୍ଷର ସୈନ୍ୟ ପୃଥିବୀର ଯେକୌଣସି ରାଷ୍ଟ୍ରର ସୈନିକଙ୍କ ଠାରୁ ଅଧିକ ଶକ୍ତିଶାଳୀ ଓ ପରାକ୍ରମୀ । ଅପରସେନ ସିନ୍ଦୁର ସମୟରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା ଏହା ଭାରତପାଇଁ ଅନୁକୂଳ ଥିଲା ଆମେ ଏହାର ସୁଯୋଗ ନେଇ ପାକଅଧିକୃତ କାଶ୍ମିରକୁ ଛଡାଇ ଆଣିବାର ସବୁ ସୁଯୋଗକୁ ହାତଛଡା କଲୁ । କେଉଁ ପରିସ୍ଥିତିରେ ଓ କାହିଁକି ସିଜଫାୟାର ଘୋଷଣା କରାଗଲା ତାହା ଆମ ସମସ୍ତଙ୍କୁ ଆଶ୍ଚର୍ଯ୍ୟନ୍ୱିତ କରିଛି । ଏହା ଆମଦେଶର ସୈନ୍ୟମାନଙ୍କୁ ମନୋବଳକୁ ବହୁମାତ୍ରାରେ କ୍ଷତି ପହଂଚ଼ାଇଛି ।

ଶ୍ରୀ ଦିପେନ୍ଦର ସିଂ ହୁଡ୍ଡା ଏହି ସଭାରେ ବକ୍ତବ୍ୟ ରଖି କହିଥିଲେ ଯେ ଦେଶର ସୈନ୍ୟବାହୀଙ୍କର ତ୍ୟାଗ ଓ ବଳିଦାନକୁ ଏ ଦେଶ କେବେହେଲେ ବ୍ୟର୍ଥ ଦେବ ନାହିଁ । ଦେଶର ସୈନ୍ୟବାହିନୀଙ୍କର ସୌର୍ଯ୍ୟ, ବିର୍ଯ୍ୟ ପରାକ୍ରମ ଓ ବଳିଦାନକୁ ନେଇ ନରେନ୍ଦ୍ର ମୋଦୀ, ବିଜେପି ଦଳ ରାଜନୀତି କରୁଛି । ସୈନ୍ୟବାହିନୀରେ କାର୍ଯ୍ୟରତ ସେନାଧିକାରକୁ ସମ୍ମାନ ଜଣାଇବା ପରିବର୍ତ୍ତ ? ତାଙ୍କର ଧର୍ମକୁ ନେଇ ତାଙ୍କୁ ସାରା ଦେଶରେ ନିନ୍ଦିତ କରାଯାଉଛି । ଏପରିକି ତାଙ୍କୁ ଆତଙ୍କବାଦୀଙ୍କର ଭଉଣୀ ବୋଲି ଆଖ୍ୟା ଦିଆଯାଉଛି । ଏହା ଅତ୍ୟନ୍ତ ପୀଡାଦାୟକ । ଭାରତବର୍ଷକୁ ଆଜି ଧର୍ମନାମରେ ଭାଗକରୁଥିବା ବିଜେପି ଦଳ ପହଲଗାମରେ ମୃତ୍ୟୁବରଣ କରିଥିବା ଯାତ୍ରୀମାନଙ୍କୁ ଓ ତାଙ୍କର ପରିବାରକୁ ସମ୍ମାନଜଣାଇବା ପରିବର୍ତ୍ତ ? ଏଥିରୁ ରାଜନୈତିକ ଫାଇଦା ହାସଲ କରିବାରେ ଲାଗିଛନ୍ତି । ଆମଦେଶର ସେନାବାହିନୀର ଅଧିକାରୀ ଓ ଜବାନମାନଙ୍କୁ ସମ୍ମାନ ଜଣାଇବା ପରିବର୍ତ୍ତ ? ଖୋଦ ପ୍ରଧାନମନ୍ତ୍ରୀ ନିଜର ଆତ୍ମପ୍ରଚ଼ାରରେ ଲାଗିଛନ୍ତି । ବିଜେପି ଦଳର ସାଂସଦ ଖୋଲମଖୋଲା କହୁଛନ୍ତି ଦେଶର ସୈନ୍ୟବାହିନୀ ପ୍ରଧାନମନ୍ତ୍ରୀଙ୍କ ପାଦତଳେ । କଂଗ୍ରେସ ଦଳ ଏହାକୁ କେବେହେଲେ ସହ୍ୟ କରିବନାହିଁ । ଭାରତର ସୈନ୍ୟବାହିନୀଙ୍କର ଆତ୍ମବଳିଦାନ ଯୋଗୁଁ ଆଜି ଆମେସମସ୍ତ ? ଶାନ୍ତିରେ ଅଛୁ । ଏକଥା ନରେନ୍ଦ୍ର ମୋଦି ଭୁଲି ଯାଉଛନ୍ତି । ଭାରତ ବର୍ଷର ବୈଦେଶିକ ମନ୍ତ୍ରୀ ସୀମା ଆରପଟେ ଥିବା ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ ଉପରେ ସେନାବାହିନୀ ଆକ୍ରମଣ କରିବାର ବହୁ ପୂର୍ବରୁ ପାକିସ୍ଥାନକୁ ସୂଚ଼ନା ଦେଉଛନ୍ତି । ଆମର ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ବିନା କାରଣରେ ମାରୁଛନ୍ତି କିନ୍ତୁ ଆମେ ଆତଙ୍କବାଦୀ ମାନଙ୍କୁ ଆଡ୍ଡାସ୍ଥଳୀ ଉପରେ ଆକ୍ରମଣ ପୂର୍ବରୁ ସୂଚ଼ନା ଦେଉଛୁ । ଏହା ଆମ ଦେଶର କେଉଁଭଳି ବୈଦେଶିକ ନୀତି ଚ଼ାଲିଛି ତାହା ଏଥିରୁ ସ୍ପଷ୍ଟ । କଂଗ୍ରେସ ଦଳ ସଂସଦରେ ଏକ ଜରୁରୀକାଳିନ ଅଧିବେଶନ ଡାକିବାପାଇଁ ସରକାରଙ୍କୁ ବାରମ୍ୱାର ଦାବି କରୁଛି କିନ୍ତୁ ମୋଦି ସରକାର ଏଥିରେ କର୍ଣ୍ଣପାତ କରୁନାହାନ୍ତି । ୧୯୯୪ ମସିହାରେ ପିଭି ନରସିଂହ ରାଓଙ୍କ ସରକାର ସମୟରେ ପିଓକେକୁ ଫେରାଇ ଆଣିବାପାଇଁ ସଂସଦରେ ନିଷ୍ପତ୍ତି ହୋଇଥିଲା । ଏହି ନିଷ୍ପତ୍ତିକୁ ପୂର୍ନବାର ଦୋହରାଇବା ପାଇଁ ଆମେ ସଂସଦର ଅଧିବେଶନ ଚ଼ାହୁଁଛୁ ।

ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚ଼ରଣ ଦାସ ଭାରତୀୟ ସୈନ୍ୟବାହିନୀର ପରାକ୍ରମ ଓ ବଳିଦାନର ଭୂୟସୀ ପ୍ରଶଂସା କରି କହିଥିଲେ ୧୯୬୨ ମସିହା ଓ ୧୯୬୫ ମସିହାର ଯୁଦ୍ଧ ଆଜିବି ମୋର ମନେ ଅଛି । ୧୯୭୧ ମସିହାରେ ଆମ ସେନାବାହିନୀ ୯୧ ହଜାରରୁ ଅଧିକ ପାକିସ୍ଥାନୀ ସୈନ୍ୟଙ୍କୁ ଗୃହବନ୍ଧୀ କରି ରଖିଥିଲା । କିନ୍ତୁ ଦୁଃଖର କଥା ଭାରତବର୍ଷର ପ୍ରଧାନମନ୍ତ୍ରୀ ଏଭଳି ଏକ ପ୍ରଚ଼ାରଜୀବି ମଣିଷ ନିଜ ପଦ ମର୍ଯ୍ୟାଦାକୁ ସମ୍ମାନ ନଜଣାଇ ସୈନ୍ୟବାହିନୀର ସଫଳତା ଓ ପରାକ୍ରମକୁ ନିଜର ପରାକ୍ରମ କହି ପ୍ରଚ଼ାର କରି ବୁଲୁଛନ୍ତି । ଯୁଦ୍ଧ ବିଜେପି ଦଳ ପାଇଁ ରାଜନୈତିକ ପ୍ରଚ଼ାର ଓ ପ୍ରସାରର ଏକ ଅସ୍ତ୍ର ପାଲଟିଛି । ଆମ ଓଡିଶାର ଯେଉଁ ମହିଳାଙ୍କର ସିନ୍ଦୁର ଲିଭିଲା ତାଙ୍କ ସିନ୍ଦୁରକୁ ନେଇ ବିଜେପି ଦଳ ଖୁବ ରାଜନୀତି କରୁଛି । ଖୋଦ ପ୍ରଧାନମନ୍ତ୍ରୀ ନିଜକୁ ସୈନ୍ୟବାହିନୀର ସୈନିକ ହିସାବରେ ସଜାଇ ସାରା ଦେଶରେ ଦେଶ ପଇସାରେ ପୋଷ୍ଟର ମାରୁଛନ୍ତି । ଖାଲି ସେତିକି ନୁହେଁ ତାଙ୍କ ରକ୍ତରେ ଗରମ ସିନ୍ଦୁର ଗୈଉତୁଛି ବୋଲି କହୁଛନ୍ତି । ଏଭଳି ପ୍ରଗଳ୍ଭ ଆତ୍ମପ୍ରଚ଼ାର ପ୍ରଧାନମନ୍ତ୍ରୀ ଏ ଦେଶର ବ୍ୟବସ୍ଥା ପ୍ରତି ବଡ ବିପଦ ହୋଇ ଆଜି ଛିଡାହୋଇଛନ୍ତି । କର୍ତ୍ତବ୍ୟରତ ସେନାଧିକାରୀ ମାନଙ୍କୁ ବିଜେପି ଦଳର ସାଂସଦ ଓ ବିଧାୟକମାନେ ଯେଉଁଭଳି ଭାଷା ଓ ଆଚ଼ରଣ ଓ ଉଚ଼ାରଣ ପ୍ରଦର୍ଶନ କରୁଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଓ ଏହା ଆମ ସେନାବାହିନୀକୁ ଦୁର୍ବଳ କରୁଛି ବୋଲି ସେ କଠୋର ଭାଷାରେ ସମାଲୋଚ଼ନ କରିଥିଲେ । ଏ ଦେଶରେ ସାର୍ବଭୌମତ ଏକ ଅଖଣ୍ଡତା ଏ ଦେଶର ସୈନ୍ୟବାହିନୀଙ୍କ ହାତରେ । ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଭାରତବର୍ଷର ସୈନ୍ୟବାହିନୀର ସଫଳତାକୁ ଆଜି ବିଜେପି ନିଜର ସଫଳତା ବୋଲି କହିବାରେ ଲାଗିଛି । ଭାରତୀୟ ସେନା, ଭାରତବର୍ଷର ଗୌରବ ଏବଂ ସେମାନଙ୍କର ପରାକ୍ରମ ଯୋଗୁଁ ଆଜି ଶତୃମାନେ ଧୂଳିସାତ ହେଉଛନ୍ତି । ସେମାନଙ୍କର ତ୍ୟାଗ, ବଳିଦାନ ପାଖରେ ଏ ଦେଶ ନତମସ୍ତକ । ସେମାନଙ୍କର ପରାକ୍ରମ ଏବଂ ଦେଶପ୍ରୀତି ଯୋଗୁଁ ଯେତେବେଳେ ଯେତେବେଳେ ଦେଶ ଉପରେ କୌଣସି ପ୍ରକାର ଶତୃରାଷ୍ଟ୍ର ଆଖିପକାଇଛି ଆମର ସୈନ୍ୟବାହିନୀ ଦୃ ? ଜବାବ ଦେଇଛି । ପହଲଗାମରେ ଯେଉଁ ନିରୀହ ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରି ମାରିଛନ୍ତି ତାହାକୁ ମୁଁ ନିନ୍ଦା କରୁଛି । କଂଗ୍ରେସ ଦଳର ନେତା ତଥା ବିରୋଧି ଦଳର ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ସେ ସମୟରେ ବିଦେଶ ଯାତ୍ରାରେ ଥିଲେ । ବିଦେଶରୁ ସମସ୍ତ କାର୍ଯ୍ୟକ୍ରମକୁ ବାତିଲକରି ତତ୍ ?କ୍ଷଣାତ ଫେରିଆସି ଜମ୍ମୁକାଶ୍ମିରକୁ ଗ୍ରସ୍ତ କରିଥିଲେ । କିନ୍ତୁ ପ୍ରଧାନମନ୍ତ୍ରୀ ତାର ପରଦିନ ବିହାରରେ ନିର୍ବାଚ଼ନୀ ବିଗୁଲ ଫୁଙ୍କୁଥିଲେ । କାହିଁକି ଓ କେଉଁ ପରିସ୍ଥିତିରେ ଆମେରିକାର ରାଷ୍ଟ୍ରପତି ପ୍ରଥମେ ଯୁଦ୍ଧ ବିରତିର ଘୋଷଣା କଲାପରେ ଆମେ ଘୋଷଣା କରୁଛୁ । ଏହାର ଉତର ଖୋଦ ପ୍ରଧାନମନ୍ତ୍ରୀ ଦେବା ଉଚ଼ିତ । ପ୍ରଧାନମନ୍ତ୍ରୀ ବୁଲି ବୁଲି ଭାଷଣ ଦେଉଥିଲା ବେଳେ ରାହୁଲ ଗାନ୍ଧୀ ବିଭିନ୍ନ ରାଜ୍ୟକୁ ମୃତକଙ୍କୁ ପରିବାରକୁ ଭେଟି ସମବେଦନା ଜଣାଇଥିଲା । ଏହି ଜୟହିନ୍ଦ ସଭାକୁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକଙ୍କ ପରିଚ଼ାଳନା କରିଥିବା ବେଳେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅଶୋକ ଦାସ, ସତ୍ୟଜିତ ଗମାଙ୍ଗୋ, ଦାସରଥି ଗମାଙ୍ଗୋ, ଆପାଲସ୍ୱାମୀ କାଡରାକ, ମଙ୍ଗୁ ଖିଲ, ପବିତ୍ର ସାଉଂଟା, ସମୀର ରାଉତରାୟ, ନବଜ୍ୟେତି ପଟ୍ଟନାୟକ, ମାନସ ଚୌଧୁରୀ, ଯୁଧିଷ୍ଠିର ଜେନା, ଜାନକୀ ବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାଶ, ମାନସ ରଞ୍ଜନ ଆଚ଼ାର୍ଯ୍ୟ, ମନୋଜ ବିଶ୍ୱାଳ, ଅଶିତ ପଟ୍ଟନାୟକ, ସିର୍ଦ୍ଧାର୍ଥ ସ୍ୱରୂପ ଦାସ, ମିନାକ୍ଷୀ ବାହିନୀପତି, ରଣଜିତ ପାତ୍ର, ଉଦିତ ପ୍ରଧାନ, ହଳଧର ସେଠୀ, ସସ୍ମିତା ବେହେରା, ମହମ୍ମଦ ଇମଦାଦ, ଶୁଭେନ୍ଦୁ ମହାନ୍ତି, ଲଲାଟେନ୍ଦୁ ମହାପାତ୍ର, ବିଜୟାନନ୍ଦ ଚ଼ାଉଳିୟା, ଅମୀୟ ପଟ୍ଟନାୟକ, ସିପ୍ରା ମଲ୍ଲିକ ସମେତ ବହୁ ଛାତ୍ର ମହିଳା ଯୁବ କଂଗ୍ରେସ ନେତୃବୃନ୍ଦ,କର୍ମୀ ଓ ବିଭିନ୍ନ ଜିଲ୍ଲାର ସଭାପତି ତଥା ବରିଷ୍ଠ ନେତୃବର୍ଗମାନେ ଯୋଗଦେଇଥିଲେ ।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି। ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଲର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି। ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଲରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଲଦା,ଫୁଲଝର, କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ। ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ। ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା। ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉେ ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ୱା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି। ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି। କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଲର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ। ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

### ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବର୍ଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବର୍ଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ। କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି। ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି। କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

## ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁ୍ପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୂକ୍ତ କରାଗଲା । ଏହି ର୍‍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

Bhubaneswar Friday May 30 ଭୁବନେଶ୍ୱର ଶୁକ୍ରବାର, ୩୦, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ସହ କିଟ୍‌ର ଦୁଇ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,(ପି.ଏନ): ଶିକ୍ଷାଗତ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପ ସ୍ୱରୂପ, କିଟ୍ ବିଶ୍ୱବିଦ୍ୟାଳୟ, ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ମଧ୍ୟରେ ଦୁଇଟି ଅଲଗା ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣାପତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏବଂ ନୌସେନା ସ୍ତ୍ରୀ କଲ୍ୟାଣ ସଂଘର ସଭାପତି ଶଶି ତ୍ରିପାଠି ଏବଂ ନୌସେନା ଶିକ୍ଷା ଅଧିକାରୀ କମୋଡୋର ଏସଏମ ଉରୁଜ ଆଥାର ସ୍ୱାକ୍ଷର କରିଛନ୍ତି ।ଏହା ବୁଝାମଣାପତ୍ର ଅନୁସାରେ କିଟ୍ ବିଶ୍ୱବିଦ୍ୟାଳୟରେ ନୌସେନା କର୍ମଚାରୀ ଏବଂ ସେମାନଙ୍କ ପରିବାର ପିଲାଙ୍କ ପାଇଁ ଛାତ୍ରବୃତ୍ତି, ଟ୍ୟୁସନ୍ ଫି ଛାଡ ଏବଂ ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷିତ ରଖାଯିବ। ସେମାନଙ୍କ ପିଲାଙ୍କ ପାଇଁ ଏମବିବିଏସ ପାଠ୍ୟକ୍ରମରେ ଦୁଇଟି ସିଟ୍ ପାଇଁ ୧୦ ପ୍ରତିଶତ ଟ୍ୟୁସନ୍ ଫି ଛାଡ, ବିଡିଏସ ଏବଂ ବିଏସସି ନର୍ସିଂରେ ୫ଟି



ସିଟ୍ ସଂରକ୍ଷଣ, ବିଟେକ (କମ୍ପ୍ୟୁଟର ବିଜ୍ଞାନ ଏବଂ ଆନୁସଙ୍ଗିକ ପାଠ୍ୟକ୍ରମ)ରେ ୪ଟି ସିଟ୍ ସଂରକ୍ଷଣ ଏବଂ କାର୍ଯ୍ୟରତ ନୌସେନା ଅଧିକାରୀଙ୍କ ପିଲାମାନଙ୍କ ପାଇଁ ଅନ୍ୟ ସମସ୍ତ ଅଣ-ଡାକ୍ତରୀ ପାଠ୍ୟକ୍ରମରେ ୫୦ ପ୍ରତିଶତ ଇନ୍ଷ୍ଟିଚ୍ୟୁସନାଲ୍ ଫି ଛାତ୍ରବୃତ୍ତି ସହ ସେମାନଙ୍କୁ ଆବଶ୍ୟକ ସିଟ୍ ପ୍ରଦାନ କରାଯିବ ।ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ତଟରକ୍ଷୀର କୋଷ୍ଟଗାର୍ଡ ୱେଲଫେୟାର ଆଣ୍ଡ ୱେଲନେସ୍ ସଂଘ ମଧ୍ୟରେ ଅନ୍ୟଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏଥିରେ ମଧ ଭାରତୀୟ ତଟରକ୍ଷୀରେ କର୍ମଚାରୀଙ୍କ ପିଲାଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ ଇନ୍ଷ୍ଟିଚ୍ୟୁସନାଲ୍ ଫି ଉପରେ ୧୦ ପ୍ରତିଶତ ବୃତ୍ତି ସହ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୨ଟି, ବିଡିଏସ୍‌ରେ ୫ଟି, ବିଏସ୍‌ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷିତ ରଖାଯିବ। ଏହା ବ୍ୟତୀତ କମ୍ପ୍ୟୁଟର୍ ସାଇନ୍‌ସ ଓ ତତ୍ ସମ୍ପର୍କିତ ଅନ୍ୟାନ୍ୟ ବିଟେକ୍ ପାଠ୍ୟକ୍ରମରେ ୪ଟି ସିଟ୍ ସେମାନଙ୍କ ପାଇଁ ସଂରକ୍ଷିତ ରହିବ। ଅନ୍ୟାନ୍ୟ ସମସ୍ତ ଅଣ-ଡାକ୍ତରୀ ପାଠ୍ୟକ୍ରମରେ ସେମାନଙ୍କ ପିଲାଙ୍କ ପାଇଁ ଇନ୍‌ଷ୍ଟିଚ୍ୟୁସନାଲ୍ ଫି ଉପରେ ୫୦ ପ୍ରତିଶତ ବୃତ୍ତି ପ୍ରଦାନ କରାଯିବ। ଏହି ସହଯୋଗ କିଟ୍‌ର ଜାତୀୟ ସେବା ଏବଂ ସାମାଜିକ ଦାୟିତ୍ୱବୋଧ ପ୍ରତି ଦୀର୍ଘସ୍ଥାୟୀ ପ୍ରତିବଦ୍ଧତା ପ୍ରତିପାଦିତ କରୁଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ଏହି ବୁଝାମଣା ହେଉଛି ନୌସେନା କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବା ପ୍ରତି ସମ୍ମାନ ଓ ଶିକ୍ଷା ମାଧ୍ୟମରେ ଅନ୍ତର୍ଭୁକ୍ତିମୂଳକ ବିକାଶ ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

# ଚତୁର୍ଥ ରଜ ମହୋତ୍ସବ ୨୦୨୫ ପାଇଁ ସାମ୍ବାଦିକ ସମ୍ମିଳନୀ

ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ପ୍ରସିଧ ତନ୍ତ୍ରପୀଠ ହୀରାପୁର ଚଉଷଠି ଯୋଗିନୀ ମନ୍ଦିର ନିକଟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ୪ର୍ଥ ରଜ ମହୋତ୍ସବ ଜୁନ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ । ଏନେଇ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଦୀନବନ୍ଧୁ ଭୋଇ ଅଧକ୍ଷତାରେ ବାଳକାଟି ସ୍ଥିତ ଶ୍ରୀ କନଭେକସନ କଲ୍ୟାଣ ମଣ୍ଡପରେ ଗୁରୁବାର ମଧ୍ୟାହ୍ନରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି । ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ପରିବେଶ ଭିତ୍ତିକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୁଲ୍ୟରେ ଅନୁଷ୍ଠିତ ଉତ୍ସବର ଲକ୍ଷ୍ୟ ଚାଷୀ ଭାଇ ତଥା ଓଡ଼ିଶାର ଗଣ ପର୍ବ, ଐତିହ୍ୟ , ପରମ୍ପରା , ଅସ୍ମିତା , କଳା ,



ସଂସ୍କୃତି , ପରିଚୟକୁ ଉଜ୍ଜୀବିତ ରଖିବା ସହିତ ଅଞ୍ଚଳରେ ଭାଇ ଚାରା ସୃଷ୍ଟି କରିବା ଏବଂ, ଆମୋଦ ପ୍ରମୋଦ ଭିତରେ ପରିବେଶ ସଚେତନତାର ବାର୍ତ୍ତା ବାଣ୍ଟିବା । ରାଜ୍ୟର ଅନେକ ବିଶିଷ୍ଟ ଖ୍ୟାତି ସଂପନ୍ନ ବ୍ୟକ୍ତିବିଶେଷମାନେ ଏହି ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ତଦ୍ ସହିତ ରଙ୍ଗାରଙ୍ଗ ଉତ୍ସବର ପ୍ରଥମ ଦିବସରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯିବ । ଦିତୀୟ ଦିବସରେ ଓଡ଼ିଶୀ , ସମ୍ବଲପୁରୀ, ନୃତ୍ୟ ଦ୍ୱାରା ଦର୍ଶକଙ୍କ ମନ ମୋହିବେ ନେଇ ବ୍ୟବସ୍ଥା, ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଶ୍ରେଷ୍ଠ ସ୍ଥାନ ପାଇ ଥିବା ପ୍ରତିଯୋଗୀଙ୍କୁ ରଜର ରାଣୀ ଘୋଷଣା ସହିତ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯିବ । ଏହା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯିବ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଯୁବସମାଜସେବି ରଞ୍ଜନ କୁମାର ମହାପାତ୍ର, ଉପଦେଷ୍ଟା ବିଧୁଭୂଷଣ ପଟ୍ଟନାୟକ, ଆଦର୍ଶ ଶିକ୍ଷକ ନାରାୟନ ବେହେରା, ମଞ୍ଚ ଉପସ୍ଥାପକ ତଥା ଓଟିଭି ଇଂରାଜୀ ସମ୍ବାଦର ପରିବେଶକ ଶୁଭଜିତ୍ ପଣ୍ଡା, ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ସୁରେଶ ଚନ୍ଦ୍ର ବେହେରା ଓ ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ମାଟ୍ରିକ ପରୀକ୍ଷାରେ ୯୧ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବାଳକାଟି ଠାରେ ଥିବା ଶ୍ରୀ କନଭେକସନ୍ କଲ୍ୟାଣ ମଣ୍ଡପରେ ପ୍ରତିବର୍ଷ ଭଳି ଶିକ୍ଷା ଜଗତରେ ବିଦ୍ୟାର୍ଥୀ, ଆଦର୍ଶ ଶିକ୍ଷକ ଓ ଆଦର୍ଶ ଶିକ୍ଷା ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହାର ମୁଖ୍ୟ ଲକ୍ଷ୍ୟ ବିଦ୍ୟାର୍ଥୀମାନେ ଯେଉଁ ଭଳି ନିଜର ଏକାଗ୍ରତା ନିଷ୍ଠାପର ଅଧ୍ୟୟନରେ ଅନ୍ୟବିଦ୍ୟାର୍ଥି ମାନଙ୍କୁ ପଛରେ ପକାଇ ଉତକୃଶତା ଲାଭ କରିଛନ୍ତି ତାଙ୍କର ପରିଶ୍ରମକୁ ସମ୍ମାନ ଜଣାଇବା ଓ ଆଗକୁ ଚେଷ୍ଟା ଜାରି ପାଇଁ ଚଳିତ ବର୍ଷ ଉଭୟ ବାଲିପାଟଣା ଓ ବାଲିଅନ୍ତା ବ୍ଲକର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଇ୧ ରଖିଥିବା ୧୨ ଜଣ ପିଲାଙ୍କୁ, ୭ଜଣ ଆଦର୍ଶ ଶିକ୍ଷକ ଓ ୩ଟି ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ



ଗୀତାଞ୍ଜଳୀ ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ ଅରବିନ୍ଦ ଢ଼ାଲି , ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା,ଅରୁଣ ପତି ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ନିର୍ମାଣ ଏଜୁକେସନ ଟ୍ରଷ୍ଟ ଅଧକ୍ଷ ସିଦ୍ଧ ?ଶ୍ୱର ମହାନ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ଆଗାମୀ ଦିନରେ ବିଦ୍ୟାର୍ଥୀ ସେମାନଙ୍କର ନିଷ୍ଠା, ଏକାଗ୍ରତା, କଠିନ ପରିଶ୍ରମ, ସମୟ ସୁବିନିଯୋଗ ଓ ଲକ୍ଷ ସ୍ଥିର ରଖିପାରିଲେ ନିଚ୍ଚିତ୍ ତାଙ୍କ ନିର୍ଦ୍ଧିଷ୍ଟ ଲକ୍ଷ୍ୟରେ ପହଞ୍ଚି ପରିବା ନେଇ ପରାମର୍ଶ ଦେଇଥିଲେ । ଶୁଭୋଜିତ୍ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରକୃତୀ ବନ୍ଧୁ ଦୀନବନ୍ଧୁ ଧନ୍ୟବାଦ୍ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୀପକ କୁମାର ସ୍ୱାଇଁ, ଗୋପାଳ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମା’ ସନ୍ତୋଷୀ ଦେବୀଙ୍କ ୧୮ତମ ବାର୍ଷିକୋତ୍ସବ

ଭୁବନେଶ୍ୱର,(ପି.ଏନ): ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତ ମହାଯଜ୍ଞ ଉପଲକ୍ଷେ ମା’ ସନ୍ତୋଷୀଦେବୀଙ୍କ ୧୮ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡାଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ପିପିଲିରୁ ଏକ ଘ ୁଆ, ପଞ୍ଜାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭାଯାତ୍ରାରେ ମା’ ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା । ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା । ୨୭ ତାରିଖରେ ଅଙ୍କୁରା ରୋପଣ, ୨୮ ତାରିଖରେ ଜଳଯାତ୍ରା, ମଣ୍ଡଳାଧୀବାସ, ଘଟସ୍ଥାପନ ଏବଂ ୨୯ ତାରିଖ ଗୁରୁବାର ଦିନ ସୂର୍ଯ୍ୟପୂଜା, ଆହୂତି ଓ ପୂର୍ଣ୍ଣାହୂତି କରାଯାଇଥିଲା । ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ ୫୦ ନମ୍ବର ୱାର୍ଡର କର୍ପୋରେଟର ରାମଚନ୍ଦ୍ର ରଣସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରମୁଣ୍ଡାର ବରିଷ୍ଠ ନାଗରିକ ନାରାୟଣ ପ୍ରଧାନ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ତଥା ମା’ ସନ୍ତୋଷୀ ଦେବୀ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ମାଧବାନନ୍ଦ ବେହୁରା ଓ ତପନ କୁମାର, ସମାଜସେବୀ ନେହେରୁ ସେନାପତି, ବିଶ୍ୱରଞ୍ଜନ ସାହୁ, ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ଟାଟା ମୋଟର୍ସ ଅଲ-ନ୍ୟୁ ଆଲଟ୍ରୋଜ - ପ୍ରିମିୟମ ଦ୍ୱାରା ଲିଗେସୀ, ଆଧୁନିକ ଦ୍ୱାରା ଡିଜାଇନ୍ ଲଞ୍ଚ କରେ

ମୁମ୍ବାଇ, (ପି.ଏନ): ଭାରତର ଅଗ୍ରଣୀ ଅଟୋମୋବାଇଲ ଉତ୍ପାଦନକାରୀ ଟାଟା ମୋଟର୍ସ ଆଜି ଓଜଜ ୬.୮୯ ଲକ୍ଷ ମୂଲ୍ୟରେ ଅଲ-ନ୍ୟୁ ଆଲଟ୍ରୋଜର ଶୁଭାରମ୍ଭ ଘୋଷଣା କରିଛି। ଏହାର ଚମତ୍କାର ଡିଜାଇନ୍, ବିଳାସପୂର୍ଣ୍ଣ ଆଭ୍ୟନ୍ତରୀଣ ଏବଂ ଉନ୍ନତ a features ଶିଷ୍ୟ ସହିତ ପ୍ରିମିୟମର ଏକ ନୂତନ ଯୁଗରେ ଉପଯୋଗ କରି, ଅଲ-ନ୍ୟୁ ଆଲଟ୍ରୋଜକୁ ଆକର୍ଷିତ କରିବା ପାଇଁ ଡିଜାଇନ୍ କରାଯାଇଛି ଏବଂ ପ୍ରିମିୟମ୍ ଡିଜାଇନ୍, ଅସନ୍ତୁଷ୍ଟ ନିରାପତ୍ତା, କଟିଙ୍ଗ୍ ଏଜ୍ ଟେକ୍ନୋଲୋଜି ଏବଂ ରୋମାଞ୍ଚକର କାର୍ଯ୍ୟଦକ୍ଷତାର ମୂଳ ସ୍ତମ୍ଭ ଉପରେ ନିର୍ମିତ । ଏହାର ସତେଜ ବାହ୍ୟ ଏବଂ ବିଳାସପୂର୍ଣ୍ଣ ବ ସ୍ୱରମଷ ଷୟିକ ସମୃଦ୍ଧ କ୍ୟାବିନରୁ ଏହାର ବର୍ଦ୍ଧିତ ସଂଯୋଗୀକରଣ ଏବଂ ବିସ୍ତାରିତ ମଲ୍ଟି ପାୱାର୍ ଟ୍ରେନ୍ ଲାଇନ୍ ଅପ୍ - ବର୍ତ୍ତମାନ ପ୍ରଥମ ଥର ପାଇଁ ଏକ AMT ବିକଳ୍ପକୁ ଦର୍ଶାଉଛି - ଦ ୟବଛ ନନ୍ଦିନ ଡ୍ରାଇଭଗୁଡ଼ିକୁ ଅସାଧାରଣ ଯାତ୍ରାରେ ପରିଣତ କରିବା ପାଇଁ ଆଲଟ୍ରୋଜ ଇଞ୍ଜିନିୟରିଂ ।



ଆଲ୍‌ଟ୍ରୋଜ ପ୍ରିମିୟମ୍ ହ୍ୟାଚ୍‌ବ୍ୟାକ୍ ସେଗମେଣ୍ଟରେ ଏକ ମାନଦଣ୍ଡ ଭାବରେ ନିଜକୁ ଦୃ ରସ୍ୱସ୍ୱବଭକ୍ଷସସ୍ୱଷରୟ ଭାବରେ ପ୍ରତିଷ୍ଠିତ କରିଛି । ଏହାର ବର୍ଗରେ ପ୍ରଥମ ଏବଂ କେବଳ ଗୋଟିଏ ହୋଇ ୫ ତାରକା ଏଘଉଇଚ ମୂଲ୍ୟାୟନ ପାଇଛି, ଏହା ନିରାପତ୍ତାରେ ଶୀଘ୍ର ନୂତନ ମାନକ ସ୍ଥିର କଲା । ଏହି strong ମୂଳଦୁଆ ଉପରେ ନିର୍ମାଣ କରି, ଅଲ୍-ନ୍ୟୁ ଆଲଟ୍ରୋଜ ବର୍ତ୍ତମାନ ପ୍ରିମିୟମର ଏକ ବୋଲ୍ଡ ନୂତନ ଅଭିବ୍ୟକ୍ତି ସହିତ ଖେଳକୁ ଉନ୍ନତ କରେ । ଏଥିରେ ସେଗମେଣ୍ଟ-ପ୍ରଥମ ଡିଜାଇନ୍ ଉପାଦାନଗୁଡିକ ଅଛି ଯେପରିକି ଫ୍ଲାଶ୍ ଡୋର ହ୍ୟାଣ୍ଡଲ୍ସ ଏବଂ ଇନଫିନିଟି ସଂଯୁକ୍ତ ଏଲଇଡି ଟେଲ ଲ୍ୟାମ୍ପ, ଯେତେବେଳେ ଇଣ୍ଟିଗ୍ରେଟେଡ୍ ଉଜଖ ସହିତ ଲ୍ୟୁମିନେଟ୍ ଏଲଇଡି ହେଡଲ୍ୟାମ୍ପ ଏବଂ ଏକ ଚମତ୍କାର ୩ଉ ଫ୍ରଣ୍ଟ ଗ୍ରୀଲ୍ ଏହାର ଅତ୍ୟାଧୁନିକ ସଡ଼କ ଉପସ୍ଥିତିରେ ଯୋଗ କରିଥାଏ । ଏହାରି ଭିତରେ, ବର୍ଦ୍ଧିତ ଜଙ୍ଘ ସମର୍ଥନ ସହିତ ଏକ୍ଜିକ୍ୟୁଟିଭ୍ ଲାଉଞ୍ଜ୍ ଷ୍ଟାଇଲ୍ ପଛ ସିଟ୍, ସଫ୍ଟ-ଟଚ୍ ଗ୍ରାଣ୍ଡ ପ୍ରେଷ୍ଟଗିଆ ଡ୍ୟାସବୋର୍ଡ, ଆମ୍ବିଏଣ୍ଟ୍ ଆଲୋକ ଏବଂ ପ୍ରଶସ୍ତ ଲେଆଉଟ୍ ଏକତ୍ର ଏକ ଅନିର୍ଦ୍ଧିଷ୍ଟ, ବିଶୋଧିତ କ୍ୟାବିନ ଅଭିଜ୍ଞତା ସୃଷ୍ଟି କରେ ।ପେଟ୍ରୋଲରେ ଦିଆଯାଉଛି, ସେଗମେଣ୍ଟର କେବଳ ଡିଜେଲ ଏବଂ ଟାଟା ମୋଟର୍ସର ଅଗ୍ରଣୀ iCNG ଟ୍ୱିନ୍ ସିଲିଣ୍ଡର ଟେକ୍ନୋଲୋଜି, ଅଲ୍ - ନ୍ୟୁ ଆଲଟ୍ରୋଜ ମଧ ବିଭିନ୍ନ ଟ୍ରାନ୍ସମିସନ୍ ବିକଳ୍ପରେ ଉପଲବ୍ଧ ହେବ: ୫-ସ୍ପିଡ୍ ମାନୁଆଲ୍, ରିଫାଇନ୍ଡ ୬-ସ୍ପିଡ୍ DCA ଏବଂ ଏକ ନୂତନ ୫-ସ୍ପିଡ୍ AMT - ଅଧିକ ଗ୍ରାହକଙ୍କ ପାଖରେ ସ୍ୱୟଂଚାଳିତ ପ୍ରସାରଣର ସୁବିଧା ଆଣିବ । ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ ଲିମିଟେଡ୍ ଏବଂ ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶିଲେଶ ଚନ୍ଦ୍ରଙ୍କ ଅନୁଯାୟୀ, “ଗତ years ବର୍ଷ ମଧ୍ୟରେ ଆମର ଯାତ୍ରା ଦ୍ରୁତ ଗତିରେ ବୃଦ୍ଧି ଏବଂ ପରିବର୍ତ୍ତନ ଦ୍ୱାରା ବ୍ୟାଖ୍ୟା କରାଯାଇଛି। ଆମେ ଆଗକୁ ଦେଖିବାବେଳେ ରଣ୨୬ ବର୍ଦ୍ଧିତ ଲାଭ ବିଷୟରେ ନୁହେଁ - ଏହା ଏକ କ୍ୱାଣ୍ଟମ୍ ଲମ୍ଫ ଅଟେ । ଆଜି, ଆମେ ଅଲ୍‌ଟ୍ରୋଜର ପୁନ ସଙ୍କବଶ କଳ୍ପନା ସହିତ ପ୍ରିମିୟମ୍ ହ୍ୟାଚ୍‌ବ୍ୟାକ୍‌ରେ ଏକ ବୋଲ୍ଡ ନୂତନ ଅଧ୍ୟାୟ ଉପସ୍ଥାପନ କରିବାକୁ ଗର୍ବିତ । ୨୦୨୫ ସଂସ୍କରଣ ସମସାମୟିକ ଡିଜାଇନ୍, ଉନ୍ନତ ଜ୍ଞାନକ technology gk ଏବଂ ଏକ କାର୍ଯ୍ୟଦକ୍ଷତା-ନେତୃତ୍ୱ ପଦ୍ଧତିକୁ ନିରବ୍ଛିନ୍ନ ଭାବରେ ମିଶ୍ରଣ କରି ଆଲଟ୍ରୋଜକୁ ଉଜ୍ଜ୍ୱଳ କରିଥାଏ । ଆଜିର ପ୍ରିମିୟମ୍ ହ୍ୟାଚ୍ ଗ୍ରାହକ ଖୋଜୁଥିବା ସବୁକିଛି ଏଥିରେ ଅନ୍ତର୍ଭୂକ୍ତ କରେ - ଆଧୁନିକ ଶ ଛକ୍ଷ ଳୀ, ଏକ ପ୍ରିମିୟମ୍ ଅନୁଭବ, ବ ସ୍ୱରମଷ ଷୟିକ ସମୃଦ୍ଧ ବ ଲରବସ୍ୱଙ୍କସ୍ୱରସ୍ୱ ଶିଷ୍ୟ, ପରବର୍ତ୍ତୀ ସ୍ତରର ସୁରକ୍ଷା ଏବଂ ପାୱାର୍ ଟ୍ରେନ୍ ବିକଳ୍ପଗୁଡ଼ିକର ବ୍ୟାପକ ପରିସର । ଡ୍ରାଇଭିଂ ଅଭିଜ୍ଞତାକୁ ସାମଗ୍ରିକ ଭାବରେ ବ ସ୍ୱକ୍ଟ ।ଇବା ପାଇଁ ପ୍ରତ୍ୟେକ ଉପାଦାନ ଚିହ୍ନିତ ଭାବରେ ତିଆରି କରାଯାଇଛି । ଅଲ୍ ନ୍ୟୁ ଆଲଟ୍ରୋଜ ଏହାର ମାଲିକମାନଙ୍କୁ ପ୍ରକୃତରେ ‘ସ୍ୱତନ୍ତ୍ର ଅନୁଭବ’ କରିବ । ”




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray